

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୪ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 04 FEBRUARY 2022

Vol.No. 33 ■ No. 33 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

୭ରୁ ଖୋଲିବ ସ୍କୁଲ, କଲେଜ

- କ୍ଲାସ୍ ପ୍ରମୋଶନ ଓ ବୋର୍ଡ ପରୀକ୍ଷା ହେବ
- ଯୁକ୍ତ ଦୁଇ ପରୀକ୍ଷା ବାତିଲ ଦାବିରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ

ଭୁବନେଶ୍ୱର, ୦୩/୦୨ (ନି.ପ୍ର): ରାଜ୍ୟରେ ଆସନ୍ତା ୭ ତାରିଖରୁ ଖୋଲିବ ସ୍କୁଲ ଓ କଲେଜ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଅଷ୍ଟମ ଶ୍ରେଣୀରୁ ଉପରକୁ ସମସ୍ତ ସ୍କୁଲ ୭ ତାରିଖରୁ ଖୋଲିବ। ଏହାସହ ସମସ୍ତ କଲେଜ, ୟୁନିଭର୍ସିଟି, ଟେକ୍ନିକାଲ, ପ୍ରଫେସନାଲ ଶିକ୍ଷାନୁଷ୍ଠାନ ଖୋଲିବ । ସ୍କୁଲ, କଲେଜ ସହ ସଂପୃକ୍ତ ହଷ୍ଟେଲଗୁଡ଼ିକ ମଧ୍ୟ ୭ ତାରିଖରୁ ଖୋଲିବ। ସେହିପରି କେଜିରୁ ସପ୍ତମ ପର୍ଯ୍ୟନ୍ତ ସ୍କୁଲ ଫେବୁଆରୀ ୧୪ରୁ ଖୋଲିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ତେବେ ଏହି ପାଠପଢ଼ା ଅନଲାଇନ/ଅଫଲାଇନ୍ ମାଧ୍ୟମରେ ହୋଇପାରିବ। ଶିକ୍ଷାନୁଷ୍ଠାନ ସହ ଜଡ଼ିତ ଥିବା ବିଭାଗଗୁଡ଼ିକ ସ୍ୱତନ୍ତ୍ର ଭାବେ ନିଜ ନିଜର ଗାଇଡଲାଇନ୍ ଜାରି କରିବେ । ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ର ଆଜି ଗଣମାଧ୍ୟମକୁ ଏହି ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟରେ ୨ବର୍ଷ ଧରି କୋଭିଡ୍ ପରିସ୍ଥିତି ଯୋଗୁ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି । କୋଭିଡର ୩ଟି ଲହରୀ ଯୋଗୁ ପିଲାମାନେ ଦୁଇବର୍ଷ ହେଲା ସ୍କୁଲ ଯାଇପାରୁନାହାନ୍ତି। ତୃତୀୟ ପର୍ଯ୍ୟାୟରେ ଓମିକ୍ରନ ଲହରୀ ଯୋଗୁ ଗତ ଏକମାସ ଧରି ଶିକ୍ଷାନୁଷ୍ଠାନ ବନ୍ଦ ରହିଛି । ତେବେ ଏବେ ତୃତୀୟ ପର୍ଯ୍ୟାୟ ପିକରେ ପହଚିଂ ସାରିଥିବା ତଥା ଏହାର ସଂକ୍ରମଣ କମ୍ ଥିବାରୁ ସରକାର ଏବେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଖୋଲି ପାଠପଢ଼ା ସ୍ୱାଭାବିକ କରିବାକୁ ନିଷ୍ପତି ନେଇଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବା ପାଇଁ ବିଭିନ୍ନ ବର୍ଗରୁ ଚାପ ପଡୁଥିଲା । ତା'ସହିତ ୧୫ରୁ ୧୮ବର୍ଷ ବୟସର ପିଲାଙ୍କୁ ଟିକାକରଣ ମଧ୍ୟ ବ୍ୟାପକ ଭାବେ ହୋଇସାରିଛି। ପିଲାମାନଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଆସନ୍ତା ସୋମବାରରୁ ଅଷ୍ଟମ ଶ୍ରେଣୀ ଓ ତଦୁର୍ଦ୍ଧ୍ୱ ପିଲାଙ୍କ ପାଠପଢ଼ା ସ୍ୱାଭାବିକ କରିବାକୁ ନିଷ୍ପତି ନେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗ, କୃଷି ବିଭାଗ, ସାମାଜିକ ସଶକ୍ତିକରଣ ବିଭାଗ, ଅନୁସୂଚିତ ଜାତି ଜନଜାତି ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ଅଧୀନରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ସ୍ୱାଭାବିକ ଭାବେ ଖୋଲିବ। ଏହାସହିତ ସମସ୍ତ ହଷ୍ଟେଲ ମଧ୍ୟ ଖୋଲିବ । ସେହିପରି କେଜିରୁ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଆସନ୍ତା ଫେବୃୟାରୀ ୧୪ ତାରିଖରୁ ଖୋଲିବ। କେଜିରୁ ନବମ ଶ୍ରେଣୀ ପିଲାମାନଙ୍କ କ୍ଲାସ ପ୍ରମୋସନ ପରୀକ୍ଷା ସହ ଦଶମ ଓ ଦ୍ୱାଦଶ ଶ୍ରେଣୀର ବୋର୍ଡ ପରୀକ୍ଷା ମଧ୍ୟ ଯଥାବିଧି କରାଯିବ। ସ୍କୁଲଗୁଡ଼ିକ ଚାହିଁଲେ ପିଲାମାନଙ୍କ ପାଠ୍ୟକ୍ରମକୁ ଶେଷ କରିବା ପାଇଁ ଖରାଛୁଟିର ଅବଧି ହ୍ରାସ କରିପାରିବେ। କୋଭିଡ୍ ଗାଇଡଲାଇନ୍ ମଧ୍ୟରେ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ସମେତ ସବୁ ପ୍ରଫେସନାଲ ଶିକ୍ଷାନୁଷ୍ଠାନ ଓ ହଷ୍ଟେଲ ଖୋଲିବ ▶▶ପୃଷ୍ଠା ୭

ରାହୁଲ ଗାନ୍ଧୀଙ୍କ ବୟାନକୁ ଆମେରିକାର ସମାଲୋଚନା

ନୂଆଦିଲ୍ଲୀ, ୦୩/୦୨ : ନିଜର ବୟାନ ପାଇଁ ପୁଣି ସମାଲୋଚନାର ଶିକାର ହୋଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ମୋଦି ସରକାରଙ୍କ ବୈଦେଶିକ ନୀତିକୁ କଟାକ୍ଷ' କରିବାକୁ ଯାଇ ଏବେ ନିଜେ ନିଜ ଭାଷଣରେ ଫଶିଛନ୍ତି ରାହୁଲ । କେବଳ ଦେଶରେ ନୁହେଁ ବିଦେଶରେ ମଧ୍ୟ ରାହୁଲଙ୍କ ବୟାନକୁ ମିଳିନି ସମର୍ଥନ । ଆମେରିକା କହିଛି ଚୀନ-ପାକିସ୍ତାନର ନିବିଡ ସମ୍ପର୍କର କାରଣ ନୁହେଁ ମୋଦି ସରକାରଙ୍କ ଭୂଲ ନୀତି । ବରଂ ଏହା ସେମାନଙ୍କ ଆପୋଷ ରଣନୀତି । ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ କିଛି ଏଭଳି ଢଙ୍ଗରେ ରାହୁଲ ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଥିଲେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ । କେନ୍ଦ୍ର ସରକାରଙ୍କ ବୈଦେଶିକ ନୀତି ଉପରେ ପ୍ରଶ୍ନ ଉଠାଇବା ସହ ରାହୁଲ ଏକାଧିକ ଅଭିଯୋଗ ବି କରିଥିଲେ । କେବଳ ସେତିକି ନୁହେଁ ଚୀନ-ପାକିସ୍ତାନ ଭିତରେ ଗଢି ଉଠିଥିବା ନୂଆ ଘନିଷ୍ଠ ସମ୍ପର୍କକୁ ନେଇ ରାହୁଲ ଦେଇଥିଲେ ଅଶ୍ଚର୍ଯ୍ୟଜନକ ବୟାନ । ମୋଦି ସରକାରଙ୍କ ଭୁଲ ବୈଦେଶିକ ନୀତି ଚୀନ-ପାକିସ୍ତାନଙ୍କୁ ନିକଟତର କରୁଛି ବୋଲି କହିଥିଲେ ରାହୁଲ । ଚୀନ ଓ ପାକିସ୍ତାନକୁ ପରସ୍ପରଠୁ ଦୂରରେ ରଖିବା ଭାରତ ସରକାରଙ୍କ ବିଦେଶ ନୀତିର ସୁବଠୁ ବଡ ଲକ୍ଷ୍ୟ ହବା କଥା, କିନ୍ତୁ ସରକାରଙ୍କ ଭୁଲ ନୀତି ଏମାନଙ୍କୁ ନିକଟତର କରୁଛି ବୋଲି ରାହୁଲ କହିଥିଲେ ।

ଓଡ଼ିଶାକୁ ମିଳିଛି ସର୍ବାଧିକ ଅନୁଦାନ : କେନ୍ଦ୍ର ରେଳ ମନ୍ତ୍ରୀ

ଭୁବନେଶ୍ୱର, ୦୩/୦୨ (ନି.ପ୍ର): ଓଡ଼ିଶାକୁ ଇତିହାସରେ ସର୍ବାଧିକ ଅନୁଦାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଚଳିତ ବର୍ଷ ଓଡିଶାକୁ ରେଳ ଅନୁଦାନ ବାବଦକୁ ୯୭୨୩ କୋଟି ଦିଆଯାଇଛି। ଯାହା ୟୁପିଏ ସରକାର ଅମଳରେ ମିଳିଥିବା ଅନୁଦାନର ୧୦ ଗୁଣ ଅଧିକ। ୨୦୦୯ରୁ ୧୪ ପର୍ଯ୍ୟନ୍ତ ବାର୍ଷିକ ହାରାହାରି ୮୩୪ କୋଟି ମିଳୁଥିଲା ବୋଲି କହିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସେ କହିଛନ୍ତି ୨୦୧୪ରୁ ୧୯ ପର୍ଯ୍ୟନ୍ତ ହାରାହାରି ବାର୍ଷିକ ୪୧୨୬ କୋଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ। ୨୦୧୯-୨୦ରେ ୪ହଜାର ୫୬୮, ୨୦-୨୧ରେ ୫ ହଜାର ୨୯୬ କୋଟି ଦିଆ ଯାଇଥିଲା। ୨୦୨୧-୨୨ରେ ପ୍ରଥମେ ୫ ହଜାର ୯୨୧ ଓ ପରେ ୫୫୦ କୋଟି ଦିଆ ଯାଇଥିଲା। ସେହିପରି ୨୦୨୧-୨୨ରେ ମୋଟ ୬୪୭୧ କୋଟି ଦିଆଯାଇଥିଲା। ଏହା ସହ ରେଳ ବିକାଶ ପାଇଁ ପାଣ୍ଠିର ଅଭାବ ରହିବ ନାହିଁ। କଳାହାଣ୍ଡି ରେଳ ୱାଗନ ଫ୍ୟାକ୍ଟ୍ରି ପାଇଁ ଏଯାଏ ୫୦% ଜମି ଅଧିଗ୍ରହଣ ହୋଇଛି, ରାଜ୍ୟ ଜମି ଦେଲେ କାମ ଆରମ୍ଭ ହେବ। ଏଥର ବଜେଟରେ ୯୮.୭ କିମିର ଅନୁଗୋଳ-ସୁକିନ୍ଦା ରୋଡ୍ ଲାଇନ ପାଇଁ ୪୭୫ କୋଟି ଟଙ୍କା, ୮୨ କିମି ହରିଦାସପୁର-ପାରାଦୀପ ରେଳ ଲାଇନ ପାଇଁ ୮୫ କୋଟି ▶▶ପୃଷ୍ଠା ୭

ଘମାଘୋଟ ଲଢ଼େଇ: ୧୩ ଆତଙ୍କୀ ନିହତ, ୭ ସୈନ୍ୟ ମୃତ

ଇସଲାମାବାଦ, ୦୩/୦୨: ପାକିସ୍ତାନର ବାଲୋଚିସ୍ତାନରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ଦେଖିବାକୁ ମିଳିଛି। ଏଠାରେ ରହୁଥିବା ବିଦ୍ରୋହୀ ଗୋଷ୍ଠୀଙ୍କୁ ପାକିସ୍ତାନ ଆତଙ୍କବାଦୀ ଭାବେ ନାମିତ କରିଛି। ବୁଧବାର ରାତିରେ ଏହି ଗୋଷ୍ଠୀ ପଞ୍ଜଗୁର ଓ ନୌଶିକ ଜିଲ୍ଲାରେ ଥିବା ସେନା ବେସ୍ କ୍ୟାମ୍ପ ଉପରେ ହମଲା କରିଥିଲେ। ଏଥିରେ ୧୦୦ରୁ ଅଧିକ ପାକ୍ ସୈନ୍ୟ ପ୍ରାଣ ହରାଇଥିବା ଆକ୍ରମଣକାରୀ ବାଲୋଚ ଲିବେରେସନ ଆର୍ମି(ବିଏଲଏଫ) ଦାବି କରିଛି। ହେଲେ ପାକିସ୍ତାନ ସେନା ଏହାକୁ ଅଗ୍ରାହ୍ୟ କରିବା ସହ ଘଟଣା ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇଛି। ସେନା ପକ୍ଷରୁ କୁହାଯାଇଛି ଯେ ବେସ୍ କ୍ୟାମ୍ପ ହମଲା ପାଇଁ ହୋଇଥିବା ଷଡ଼ଯନ୍ତ୍ର ପଣ୍ଡ ହୋଇଛି। ହମଲା ପାଇଁ ଆସିଥିବା ୧୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ସହ ଲଢ଼େଇ କରିବା ବେଳେ ୭ ଜଣ ଯବାନଙ୍କ ଜୀବନ ଯାଇଛି। ଉପାନ୍ତ ନୌଶିକରେ ହୋଇଥିବା ଲଢ଼େଇରେ ୯ ଜଣ ଆତଙ୍କବାଦୀ ଓ ୪ ଜଣ ଯବାନ ପ୍ରାଣ ହରାଇଛନ୍ତି। ଏଠାରେ ଆତଙ୍କବାଦୀମାନେ ବୁଧବାର ସନ୍ଧ୍ୟାରେ ହମଲା କରିଥିଲେ। ଏହାର କିଛି ଘଣ୍ଟା ପରେ ପଞ୍ଜଗୁରରେ ମଧ୍ୟ ହମଲା ହୋଇଥିଲା। ଏହି ଘଟଣାରେ ୩ ଜଣ ସୁରକ୍ଷାକର୍ମୀ ଓ ୪ ଜଣ ଆତଙ୍କୀ ପ୍ରାଣ ହରାଇଛନ୍ତି।

ତୀବ୍ର ହେଲା ୟୁକ୍ରେନ୍-ରଷ୍ ବିବାଦ

ନୂଆଦିଲ୍ଲୀ, ୦୩/୦୨ : ପୁଣି ଥରେ ବିଦେଶ ମାଟିରେ ଆମେରିକା ସୈନିକ ଉପସ୍ଥିତି ବୃଦ୍ଧି ପାଇବାକୁ ଯାଉଛି । କିଛି ମାସ ପୂର୍ବେ ଲଜ୍ଜାଜନକ ଭାବେ ଆଫଗାନିସ୍ତାନରୁ ନିଜର ସମସ୍ତ ସୈନ୍ୟ ପ୍ରତ୍ୟାହାର କରି ଅପବାଦ ମୁଣ୍ଡାଇଥିବା ଆମେରିକା ପୁଣି ଥରେ ପୂର୍ବ ୟୁରୋପରେ ସୈନ୍ୟ ସଂଖ୍ୟା ବୃଦ୍ଧି କରିବାକୁ ଯାଉଛି । ବୁଧବାର ରାଷ୍ଟ୍ରପତି ଜୋ ବାଇଡେନ୍ ଅନୁମୋଦନ ଦେବା ପରେ ପେଂଟାଗନ ପୂର୍ବ ୟୁରୋପକୁ ୩ହଜାର ସୈନ୍ୟ ପଠାଇବାକୁ ପ୍ରସ୍ତୁତି ଆରମ୍ଭ କରିଛି । ୟୁକ୍ରେନ ଦଖଲ କରିବାକୁ ରଷ ଚଳାଇଥିବା ଯୋଜନାକୁ ପଣ୍ଡ କରିବାକୁ ଆମେରିକା ଏହି ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି । ୟୁକ୍ରେନ ସୀମାରେ ରଷ ୧ଲକ୍ଷ ସେନ୍ୟ ମୁତୟନ କରିଛି । ଏବଂ ଆକ୍ରମଣ କରିବା ପାଇଁ ଯୋଜନା କରୁଥିବା କୁହାଯାଉଛି । ରଷର ମୁକାବିଲା ପାଇଁ ପୋଲାଣ୍ଡ, ଜର୍ମାନୀ ଓ ରୋମାନିଆରେ ଆମେରିକା ସୈନ୍ୟ ମୁତୟନ କରିବାକୁ କହିଛି ପେଂଟାଗନ ।

ରାଜ୍ୟରେ ଆଉ ୧୮ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୩/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୧୮ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୬୬୬ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ କଟକ, ଜଗତସିଂହପୁର, ଭଦ୍ରକ, ଖୋର୍ଧା, ସୁନ୍ଦରଗଡ ଜିଲ୍ଲାରୁ ୩ ଜିଲ୍ଲାରୁ ୩ଜଣ ଲେଖାଏଁ ରହିଥିବା ବେଳେ ବାଲେଶ୍ୱର, ଦେବଗଡ, ନୟାଗଡ ଜିଲ୍ଲାରୁ ଜଣେ ଲେଖାଏଁ ରହିଛନ୍ତି ।.

ଅଗଷ୍ଟରେ ଲଞ୍ଚ ହେବ 'ଚାନ୍ଦ୍ରାୟଣ-୩'

ନୂଆଦିଲ୍ଲୀ, ୦୩/୦୨ ଅଗଷ୍ଟରେ ଉତକ୍ଷେପଣ ହେବ 'ଚାନ୍ଦ୍ରାୟଣ-୩' । ଭାରତୀୟ ମହାକାଶ ଓ ଅନୁସନ୍ଧାନ ସଂଗଠନ (ଓଝଜଡ) ୨୦୨୨ ପାଇଁ ଏହି ବଡ ଯୋଜନା କରିଛି । ଦୁଇ ବର୍ଷ ପୂର୍ବେ ଚନ୍ଦ୍ର ମିଶନ ସମୟରେ ଇସ୍ରୋର ମହାକାଶଯାନ ଚନ୍ଦ୍ରପୃଷ୍ଠକୁ ଧକ୍କା ଦେଇଥିଲା ଏବଂ ଏହିପରି ମିଶନ ବିଫଳ ହୋଇଥିଲା । ବାସ୍ତବରେ, ଚନ୍ଦ୍ର ମିଶନରେ ବିଳମ୍ବ ▶▶ପୃଷ୍ଠା ୭

ଚା' ପିଇବାକୁ ଡାକି ବିଶ୍ୱାସରେ ବିଷ ଦେଲା ବନ୍ଧୁ

ଭୁବନେଶ୍ୱର, ୦୩/୦୨ (ନି.ପ୍ର): ବନ୍ଧୁ କରିଥିଲା ବନ୍ଧୁ ଅପହରଣର ଷଡଯନ୍ତ୍ର । ଭୁବନେଶ୍ୱରର ଇସାନ ଅଗ୍ରୱାଲଙ୍କ ଅପହରଣକାରୀଙ୍କୁ ପୁଲିସ ୩୬ ଘଂଟାରେ ଧରିବା ଯେତିକି ଚର୍ଚ୍ଚିତ, ଅପହରଣ ପଛର କାହାଣୀ ସେତିକି ରୋଚକ । ଇସାନଙ୍କ ସ୍କୁଲ ସମୟର ବନ୍ଧୁ ହିଁ ତାଙ୍କ ଅପହରଣ ମାଷ୍ଟର ମାଇଣ୍ଡ । ଚା' ପିଇବାକୁ ଡାକି ବିଶ୍ୱାସରେ ବିଷ ଦେଇଥିଲା ବନ୍ଧୁ । ଆଜି ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏସନ୍ କରିଛି ପୁଲିସ । ବନ୍ଧୁ ଭାଙ୍ଗିଲା ବିଶ୍ୱାସ । ଚା' ପିଇବା ବାହାନାରେ କରିଥିଲା ଅପହରଣ । ଭୁବନେଶ୍ୱର ଇଶାନ ଅଗ୍ରୱାଲ ଅପହରଣ ଘଟଣାରେ ଏପରି ଏକ ନାଟକୀୟ ଦିଗ ସାମ୍ନାକୁ ଆସିଛି । ଅପହରଣକାରୀ ପୁଲିସ ପଞ୍ଜାରେ ପଡିବା ପରେ ଅଭିଯୁକ୍ତଙ୍କ ଅପରାଧର ରେକର୍ଡ ଖୋଜୁଛି ପୁଲିସ । ଉଦ୍ଧାର ହେବା ପରେ ଇଶାନ ଚିହ୍ନିଥିଲେ ଅପହରଣକାରୀଙ୍କ ମଧ୍ୟରୁ ସେହି ବିଶ୍ୱାସଘାତକ ବନ୍ଧୁକୁ । ଆଉ ଏହାପରେ ଅପହରଣ ପଛର ରହସ୍ୟ ଉପରୁ ଉଠିଥିଲା ପରଦା । ଲକ୍ଷ୍ମୀସାଗର ପୁଲିସ ଏବଂ ସ୍ପେଶାଲ ସ୍କାର୍ଡ ଏହି ଘଟଣାରେ ସିନ୍ ରିକ୍ରିଏସନ କରିଛି । କିଭଳି ଅପହରଣ ହୋଇଥିଲା, ତାର ପୁରା ଭିଡିଓ ରେକର୍ଡ କରିଛି ପୁଲିସ । ଅଭିଯୁକ୍ତଙ୍କର ରହିଛି କ୍ରାଇମର ଲମ୍ବା ରେକର୍ଡ । ଇଶାନ ପୂର୍ବରୁ ବ୍ରହ୍ମପୁରରେ ଆଉ ଜଣଙ୍କୁ କରିଥିଲେ ଶିକାର । ପୁଲିସ ତଦନ୍ତ ବେଳେ ଏମାନଙ୍କର ଖୋଲିଛି ଗୁମର । ଜାନୁଆରୀ ୩, ୨୦୨୨ରେ ଭୁବନେଶ୍ୱରର ଏକ କାର ଫ୍ୟାଶନ ସୋରୁମର ମାଲିକକୁ ବ୍ରହ୍ମପୁର ଡାକିଥିଲେ ଏହି ଅଭିଯୁକ୍ତ । ମାଲିକ ଜଣଙ୍କୁ ମଧ୍ୟ ସମାନ ତରିକାରେ କରିଥିଲେ କିଡନାପ୍ । ପରିବାର ଲୋକଙ୍କୁ ୩୦ ଲକ୍ଷ ଟଙ୍କା ମାଗିବା ସହିତ ମୁଣ୍ଡ ଜାମିନ ପାଇଁ ତାଙ୍କ ଏଟିଏମରୁ ୪୦ ହଜାର ଟଙ୍କା ତାଙ୍କ ଏଟିଏମରୁ ଉଠାଇଥିଲେ । ଆଉ ପୁଲିସ ହାତରୁ ଧରାପଡିବା ପୂର୍ବରୁ ସମ୍ପୃକ୍ତ ଅପହୃତଙ୍କୁ କାରରେ (ଭର୍ଣ୍ଣା କାର) ଛାଡି ଚମ୍ପଟ ମାରିଥିଲେ ଏହି ଗ୍ୟାଙ୍ଗ୍ । ଆଉ ଛାଡିଯାଇଥିବା କାରକୁ ବ୍ରହ୍ମପୁର ପୁଲିସ ଜବତ କରିଥିବା ବେଳେ ଭୁବନେଶ୍ୱର ଇଶାନ ଅପହରଣ ଘଟଣାରେ ଧରା ପଡିଯାଇଥିଲେ ଅଭିଯୁକ୍ତ । ରିମାଣ୍ଡରେ ଆସିବା ପରେ ଆହୁରି ଖୋଲିପାରେ ଏହି ଗ୍ୟାଙ୍ଗର କ୍ରାଇମ ରେକର୍ଡ ।

କୋଟିପତି ସହକାରୀ ଯୋଗାଣ ଅଧିକାରୀ ଗିରଫ



ନୂଆପଡା, ୦୩/୦୨ (ନି.ପ୍ର): ଗିରଫ ହେଲେ କଟକର କୁବେର ଯୋଗାଣ ଅଧିକାରୀ । ନୂଆପଡା ଜିଲ୍ଲା ସହକାରୀ ଯୋଗାଣ ଅଧିକାରୀ ରତ୍ନାକର ସେଠୀଙ୍କ ବାସଭବନରେ ଆୟବହିର୍ଭୂତ ସଂପତି ଠୁଳ ଅଭିଯୋଗରେ ଗତକାଲି ଚଢାଉ କରିଥିଲା ଭିଜିଲାନ୍ସ । କଟକ ଓ ନୂଆପଡା ସମେତ ୬ଟି ସ୍ଥାନରେ ଏକକାଳୀନ ଚଢାଉ କରିଥିଲା ଭିଜିଲାନ୍ସ । ଚଢାଉ ବେଳେ ବହୁମୂଲ୍ୟ ସଂପତିର କୋଠା, ବ୍ୟାଙ୍କ ଆକାଉଂଟର ଜମା ନଗଦ ରାଶି ଠାବ କରିଥିଲେ ଭିଜିଲାନ୍ସ ଅଧିକାରୀ । ସହକାରୀ ଯୋଗାଣ ଅଧିକାରୀଙ୍କ ଘରୁ ମୋଟ ୬କୋଟି ୭୩ ଲକ୍ଷ ଟଙ୍କାର ସଂପତି ଠାବ ହୋଇଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଥିଲା । ଚଢଉ ବେଳେ ଯୋଗାଣ ଅଧିକାରୀଙ୍କ ସଂପତି ଦେଖି ତାଜୁବ ହୋଇଥିଲେ ଭିଜିଲାନ୍ସ ଅଧିକାରୀ । ରତ୍ନାକର ସେଠୀ ୧ କୋଟି ୧୩ ଲକ୍ଷ ଟଙ୍କାର କେବଳ ଜୀବନବୀମା ପ୍ରିୟିୟମ ଦେଇଥିବା ଜଣାପଡିଥିଲା । କଟକ ଚାଉଳିଆଗଞ୍ଜରେ ଥିବା ୧୩ ହଜାର ସ୍କୋୟାରଫୁଟରେ ତିଆରି ହୋଇଥିବା ୩ ମହଲା କୋଠାର ମୁଲ୍ୟ ୨ କୋଟି ହେବ ବୋଲି ଆକଳନ କରିଥିଲା ଭିଜିଲାନ୍ସ । ସେହିପରି ବାଲିସାହି ଅଂଚଳରେ ଏକ ୨ ମହଲା କୋଠା ଏବଂ ମଧୁପାଟଣା ବାଲିସାହି ଅଂଚଳରେ ନଟରାଜ ପ୍ୟାଲେସ ନାଁରେ ଏକ କଲ୍ୟାଣ ମଣ୍ଡପ ତାଙ୍କ ନାଁରେ ଥିବା ଠାବ ହୋଇଛି । ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଆଜି ତାଙ୍କୁ ଗିରଫ କରାଯାଇଛି ।

ନାକରେ ଦିଆଯିବ କରୋନା ଟିକା

ନୂଆଦିଲ୍ଲୀ, ୦୩/୦୨ : କରୋନା ବିରୋଧୀ ଲଢେଇରେ ପୁଣି ଥରେ ବିଶ୍ୱକୁ ବାଟ ଦେଖାଇଛି ଭାରତ । ସ୍ୱଦେଶୀ ଟିକା କୋଭାକ୍ସିନ୍ ପ୍ରସ୍ତୁତ କରିଥିବା ଭାରତ ବାୟୋଟେକ୍ କମ୍ପାନୀ ଆଣିବାକୁ ଯାଉଛି, ଇଂଟ୍ରାନାଜାଲ୍ କରୋନା ଭାକସିନ୍ । ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ ପାଇଁ କମ୍ପାନୀକୁ ଅନୁମତି ଦେଇଛି ଡିସିଜିଆଇ । ସାରା ବିଶ୍ୱରେ ପ୍ରାୟ ୧୨ଟି ସଂସ୍ଥା ନାକରେ ଦିଆଯାଉଥିବା ଟିକା ବିକାଶରେ ଲାଗିଥିବା ବେଳେ ଭାରତ ଏ ଦିଗରେ ଆଗରେ ରହିଛି । କରୋନା ଭୂତାଣୁ ନାକ ଓ ଗଳା ଦେଇ ସଂକ୍ରମିତ ହେଉଥିବାରୁ ଏହି ଟିକା ଅଧିକ ପ୍ରଭାବୀ ହେବ ବୋଲି ଆମେରିକାରୁ ପ୍ରକାଶିତ ନ୍ୟୁୟର୍କ ଟାଇମ୍ସରେ କୁହାଯାଇଛି । ବିଶ୍ୱକୁ ବାଟ ଦେଖାଇଲା ଭାରତ । ନାକରେ ଦିଆଯିବ କରୋନା ଟିକା । ସାରା ବିଶ୍ୱ ପାଇଁ ଗେମଚେଞ୍ଜର ସାବ୍ୟସ୍ତ ହୋଇପାରେ ଭାରତ ବାୟୋଟେକର ଇଂଟ୍ରାନାଜାଲ କରୋନା ଟିକା । ନାକରେ ଦିଆଯାଉଥିବା ଏହି ପ୍ରତିଶେଧକ ଟିକାର ତୃତୀୟ ପର୍ଯ୍ୟାୟ ନୈଦାନିକ ପରୀକ୍ଷଣ ପାଇଁ ଅନୁମତି ଦେଇଛି ସର୍ବୋଚ ଭେସଜ ନିୟନ୍ତ୍ରକ ସଂସ୍ଥା ଡିସିଜିଆଇ । ▶▶ପୃଷ୍ଠା ୭

ଚଳିତମାସ ୨୫ରେ ରିଲିଜ ହେବ 'ଗଙ୍ଗୁବାଇ କାଠିଆୱାଡି'

ଭୁବନେଶ୍ୱର, ୦୩/୦୨ (ନି.ପ୍ର): ଲୋକପ୍ରିୟ ନିର୍ଦ୍ଦେଶକ ସଂଜୟ ଲୀଲା ଭଂସାଲିଙ୍କ ବହୁ ପ୍ରତିକ୍

ଚୋରି ମାମଲାରେ ୪ ଗିରଫ: ଚୋରି ସାମଗ୍ରୀ ଜବତ

ଜୟପୁର,୩/୨ (ନି.ପ୍ର): ଚୋରି ମାମଲାରେ ୪ ଜଣଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ମୁଳାସର ଗ୍ରାମର ମହୋନ ତନ୍ତ (୨୪), ବିକି ସୁରିଆ(୨୦), ରଣ୍ଡାପାଲ୍ଲିର ଅମିତ ଗାଇଁ (୨୨) ଏବଂ କାଲିମେଳାର ଅମିତେଶ ମଣ୍ଡଳ (୨୭) ।

ପୋଲିସର ସୂଚନା ଅନୁଯାୟୀ, ଜୟପୁର ସଦର ଥାନା ଅନ୍ତର୍ଗତ ଡିମଳା ଠାରେ ଏକ ଓଲଡିଙ୍ଗ ୱାର୍କସପରୁ ଦୁର୍ବୃତ ମାନେ ୨୯ ତାରଖ ବିଳମ୍ବିତ ରାତ୍ରରେ ବିଭିନ୍ନ ଯନ୍ତ୍ରପାତି ଚୋରି କରି ନେଇଥିଲେ। ଏନେଇ ଗତ ୩୦ ତାରିଖରେ ୱାର୍କସପ୍ ର ମ୍ୟାନେଜର ରାହୁଲ କୁମାର ରଣା ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ୩ ଜଣ ଦୁର୍ବୃତଙ୍କ ସହ ଚୋରି ସାମଗ୍ରୀ କ୍ରେତାଙ୍କୁ ଗିରଫ କରିଥିଲା । ଚୋରି କରି ଦୁର୍ବୃତ ମାନେ ମାଲକାନଗିରି ଜିଲା କାଲିମେଳା ଅଂଚଳର ଅମିତେଶ ମଣ୍ଡଳ (୨୭) କୁ ବିକ୍ରୟ କରିଥିଲେ । ଗିରଫ ଅଭିଯୁକ୍ତଙ୍କ ଠାରୁ ଚୋରି ହୋଇଥିବା ୨ଟି ଓ୍ୱେଲଡିଙ୍ଗ ମେସିନ, ୨ଟି ଡ୍ରିଲିଙ୍ଗ ମେସିନ, ୩ଟି କଟିଙ୍ଗ ମେସିନ, କଲର ମେସିନ ଗୋଟିଏ, ଗୋଟିଏ ଟୁଲ ବକ୍ସକୁ ଜବତ କରିଛି । ଏହା ସହ ଟ୍ରଲି ଅଟୋ ରିକ୍ସା, ବାଇକ୍ ସହ ୧୫ ହଜାର ଟଙ୍କା, ୪ଟି ମୋବାଇଲକୁ ଜବତ କରିଥିବା ନେଇ ଆଜି ଜୟପୁର ଏସଡିପିଓ ଅରୁପ ଅଭିଷେକ ବେହେରା ଜୟପୁର ସଦର ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ସମୟରେ ସେଠାରେ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ଉପସ୍ଥିତ ଥିଲେ ।

ବିଜେପିରେ ଯୋଗ ଦେଲେ ଶତାଧିକ ମହିଳା

ଖୋର୍ଦ୍ଧା,୩/୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ସବୁଠି ମାହୋଲ ସରଗରମ ହେବାରେ ଲାଗିଛି । ଗାଁ ଗଣ୍ଡା, ରାସ୍ତାଘାଟ ସବୁଠି ନିର୍ବାଚନୀ ଚର୍ଚ୍ଚା । ସେହିପରିଭାବେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଚିଲିକା ନିର୍ବାଚନ ମଣ୍ଡଳିରେ ମଧ୍ୟ ନିର୍ବାଚନୀ ଉଷ୍ମତା ବଢ଼ିବାରେ ଲାଗିଛି । ମୈଦାନରେ ଉଭୟ ଶାସକ ବିଜେଡି ଏବଂ ବିରୋଧୀ ବିଜେପି ମଧ୍ୟରେ କଡ଼ା ଟକ୍କର ହେଉଥିବାବେଳେ ନିଜର ସ୍ଥିତିକୁ କଂଗ୍ରେସ ମଜବୁତ କରିବା ଲାଗି ପ୍ରୟାସ କରୁଛି । ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ପ୍ରାର୍ଥୀଙ୍କ ହୃଦସ୍ପନ୍ଦନ ସେତେ ବଢ଼ି ବଢ଼ି ଯାଉଛି । ନିଜ ଦଳୀୟ ଏବଂ ଦଳ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଦିନ ରାତି ଏକ କରିଦେଉଛନ୍ତି ନେତାମାନେ । ଏହି ପରିପ୍ରେକ୍ଷୀରେ ବୁଧବାର ଦିନ ବାଣପୁର ବ୍ଲକ ତୁମୁରାପୁଟ ପଂଚାୟତର ଶତାଧିକ ମହିଳା ମାନେ ବିଜେପିରେ ଯୋଗଦେଇଛନ୍ତି ।ତେବେ ଉକ୍ତ ପଂଚାୟତର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ମାନେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ଥାନୀୟ ଝିଂଟିକାପଲ୍ଲୀ ସ୍ଥିତ ମା' ତାରିଣୀ ମନ୍ଦିର ପରିସରରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉପସ୍ଥିତିରେ ପଦ୍ମ ଧରିଛନ୍ତି । ପଂଚାୟତର ସର୍ବାଙ୍ଗୀନ ଉନ୍ନତି ଏବଂ ମହିଳା ସଶକ୍ତିକରଣକୁ ଲକ୍ଷ୍ୟ ରଖି ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବା ଉଦ୍ଦେଶ୍ୟରେ କାର୍ଯ୍ୟ ଆରମ୍ଭ କରିଦେଇଥିବାର ମହିଳାମାନେ କହିଛନ୍ତି । ସେହିପରି ଭାବେ ବିଜେପି ସଦାବେଳେ ମହିଳାମାନଙ୍କୁ ପ୍ରାଧାନ୍ୟ ଦେଇଆସୁଛି ଏବଂ ଆଜି ଉକ୍ତ ମହିଳାଙ୍କ ଦଳରେ ମିଶିବା ଫଳରେ ତୁମୁରାପୁଟ ପଂଚାୟତରେ ବିଜେପିର ଶକ୍ତି ନିଶ୍ଚିତଭାବେ ବୃଦ୍ଧି ପାଇଛି ଓ ଆଗାମି ନିର୍ବାଚନରେ ତୁମୁରାପୁଟ ପଂଚାୟତରେ ଦଳୀୟ ଏବଂ ଦଳ ସମର୍ଥିତ ସମସ୍ତ ପ୍ରାର୍ଥୀମାନେ ନିଶ୍ଚୟ ବିଜୟଲାଭ କରିବେ ବୋଲି ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ମିଶ୍ରଣ ପର୍ବରେ ପୂର୍ବତନ ବାଣପୁର ବ୍ଲକ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଦଳେଇ, ଜିଲ୍ଲା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ ଏବଂ ଅନ୍ୟ ବିଜେପି ନେତାମାନେ ଉପସ୍ଥିତ ଥିଲେ ।

ପଚାଂୟତ ଭୋଟର ତାଲିକାରୁ ଗ୍ରାମବାସୀଙ୍କ ନାମ କାଟି ଅନ୍ୟ ପଚାଂୟତରେ ଯୋଡ଼ିଦେବା ଅଭିଯୋଗ

ରାସକୁଆ ଗ୍ରାମବାସୀଙ୍କ ଭୋଟ୍ ବର୍ଜନ ଚେତାବନୀ

କନ୍ଧମାଳ,୩/୨ (ନି.ପ୍ର): ତ୍ରିସ୍ତରୀୟ ପଚାଂୟତ ନିର୍ବାଚନ ନେଇ ଏବେ ଗାଁ ରାଜନୀତି ସରଗରମ । ତେବେ ନିର୍ବାଚନ ପୂର୍ବରୁ ଭୋଟ୍ ବର୍ଜନ ପାଇଁ ଚେତାବନୀ ନେଇଛନ୍ତି ଗ୍ରାମବାସୀ । କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଭ୍ରମରବାଡ଼ି ପଚାଂୟତ ରାସକୁଆ ଗାଁରେ ଦେଖିବାକୁ ମିଳିଛି ଏପରି ଘଟଣା ।

ରାସକୁଆ ଗ୍ରାମ ଭ୍ରମରବାଡ଼ି ପଚାଂୟତର ୧୪ ନମ୍ବର ୱାର୍ଡରେ ରହିଛି । ଗତ ୨୦୧୭ ପଚାଂୟତ ନିର୍ବାଚନରେ ଗ୍ରାମବାସୀ ମାନେ ଭ୍ରମରବାଡ଼ି ପଚାଂୟତରେ ମତଦାନ କରିଥିଲେ । କିନ୍ତୁ ଚଳିତ ୨୦୨୨ ତ୍ରିସ୍ତରୀୟ ପଚାଂୟତ ନିର୍ବାଚନ ପାଇଁ ଆସିଥିବା ଭୋଟର ତାଲିକାରେ ରାସକୁଆ ଗ୍ରାମ ୧୪ ନମ୍ବର ୱାର୍ଡ ରେ ଥିବା ଲୋକଙ୍କ ନାମ ସେମାନଙ୍କ ଅଜାଣତରେ ଭ୍ରମରବାଡ଼ି ପଚାଂୟତରୁ ବାଦ୍ ପଡ଼ିଥିବା ବେଳେ ସେମାନଙ୍କ ନାମ ସିଆଙ୍ଗବାଲି ପଚାଂୟତର ୧୨ନମ୍ବର ୱାର୍ଡରେ ଯୋଡି ଦିଆଯାଇଛି । ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ଭୋଟ୍ ପୂର୍ବରୁ ସେମାନେ ଯେଭଳି ଗତ ଥର ଭଳି ଭ୍ରମରବାଡ଼ି ପଚାଂୟତରେ ଭୋଟ ଦେଇ ପାରିବେ ସେ ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରିବାକୁ କହିଥିବା ବେଳେ ସେମାନଙ୍କ ଦାବି ପୂରଣ ନ କରାଗଲେ ରାସକୁଆ ଗ୍ରାମବାସୀ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି ।

ସୂଚନା ପ୍ରକାରେ, ରାସକୁଆ ଗ୍ରାମ ଭ୍ରମରବାଡ଼ି ପଚାଂୟତ ଠାରୁ ପ୍ରାୟ ୩ କିଲୋମିଟର ଦୂରରେ ରହୁଥିବା ବେଳେ ଗ୍ରାମବାସୀ ମାନେ ଏହି ପଚାଂୟତରୁ ରାସନ ଠାରୁ ଆରମ୍ଭ କରି କିରୋସିନି ବାର୍ଦ୍ଧକ୍ୟ ଭତା ଭଳି ସମସ୍ତ ଯୋଜନାରେ ସାମିଲ୍ ହୋଇଥିବା ବେଳେ ଅନେକ ଲୋକ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଆବାସ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ବର୍ତମାନ ଗ୍ରାମବାସୀ ମାନେ ସେମାନଙ୍କ ପଚାଂୟତ ବଦଳି ଯାଇଥିବା ଯୋଗୁଁ ଗ୍ରାମ ଠାରୁ ପ୍ରାୟ ୧୨ କିଲୋମିଟର ଦୂର ସିଆଙ୍ଗବାଲି ପଚାଂୟତରେ ଭୋଟ୍ ଦେଲେ ସେମାନେ ପାଉଥିବା ଯୋଜନାରୁ ବାଦ୍ ପଡ଼ିବା ନେଇ ଆଶଙ୍କା ସହ ଏଠାରୁ ଯାତାୟାତ ପାଇଁ ବସ୍ ଚଳାଚଳ ନଥିବା ହେତୁ ଏତେ ଦୂରରୁ ମହିଳା ମାନେ ରାସନ ସାମଗ୍ରୀ ଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ପାଇଁ ଯିବା ସମ୍ଭବ ନଥିବା ଯୋଗୁଁ ଏଥିପାଇଁ ଦାରିଙ୍ଗବାଡ଼ି ବ୍ଲକ ବିଡିଓଙ୍କୁ ଅଭିଯୋଗ କରିଥିଲେ ।ଗ୍ରାମବାସୀଙ୍କ ଅଭିଯୋଗ ବିଡିଓ ଗ୍ରହଣ କରିନଥିବା ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି । ଗ୍ରାମବାସୀଙ୍କ ଅଜାଣତରେ କିଭଳି ସେମାନଙ୍କ ନାମ ଗୋଟିଏ ପଚାଂୟତର ଭୋଟର ତାଲିକାରୁ ଅନ୍ୟ ଏକ ପଚାଂୟତରେ ଯୋଡ଼ି ଦିଆଗଲା ବୋଲି ପ୍ରଶ୍ନ ଉଠାଇ ଏଥିପାଇଁ କିଏ ଦାୟୀ ତାହାର ତଦନ୍ତ ସହିତ କିଭଳି ରାସକୁଆ ଗ୍ରାମବାସୀ ପୂର୍ବଭଳି ଭ୍ରମରବାଡ଼ି ପଚାଂୟତରେ ମତଦାନ କରିବେ ସେ ନେଇ ବ୍ଲକ ଓ ଜିଲ୍ଲା ପ୍ରଶାସନ ତରଫରୁ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମର ସୁନିତା ପ୍ରଧାନ, ବିକ୍ରମ ପ୍ରଧାନ, ସୁନୀଳ ପ୍ରଧାନ, କୁଳମଣି ପ୍ରଧାନ, ସଞ୍ଜୀବ ପ୍ରଧାନ, ପ୍ରତିମା ପ୍ରଧାନ, ମନୋଜ ସାହୁ, କୈଳାସ ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

ହିନ୍ଦ ମଜଦୁର ସଭା କନ୍ଧମାଳ ଜିଲ୍ଲା ଶାଖାର ଆବାହକ ହେଲେ ସତ୍ୟ ବେହେରା

କନ୍ଧମାଳ,୩/୨ (ନି.ପ୍ର): ଭାରତର ଅଗ୍ରଣି ମଜଦୁର ସଂଗଠନ ହିନ୍ଦ ମଜଦୁର ସଭା (ଏଚ.ଏମ.ଏସ)ର କନ୍ଧମାଳ ଜିଲ୍ଲା ଶାଖାର ଆବହକ ଭାବରେ ଫୁଲବାଣୀର ଆଇନଜିବୀ ସତ୍ୟନାରାୟଣ ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ନିଯୁକ୍ତି ଓଡିଶା ହିନ୍ଦ ମଜଦୁର ସଭାର ରାଜ୍ୟ ଶାଖାର ଉପସଭାପତି ରବି ରଥ ପ୍ରଦାନ କରିଥିବା ଜଣାପଡିଛି । ତାଙ୍କୁ ଏହି ଦାୟୀତ୍ୱ ପ୍ରଦାନ କରାଯିବା ପରେ ଆଇନଜିବୀ ସତ୍ୟ ନାରାୟଣ ବେହେରା, ରାଜ୍ୟ ସଂଗଠନ ତାଙ୍କ ଉପରେ ଆସ୍ଥା ରଖି ଏହି ଦାୟୀତ୍ୱ ପ୍ରଦାନ କରିଥିବା ଯୋଗୁଁ ରାଜ୍ୟ ଶାଖାକୁ ଧନ୍ୟବାଦ ଅର୍ପଣ କରିବା ସହିତ ତାଙ୍କୁ ପ୍ରଦାନ କରାଯାଇଥିବା ଏହି ଦାୟୀତ୍ୱକୁ ସେ ସୁଚାରୁ ରୁପରେ ନିର୍ବାହ କରିବେ ବୋଲି କହିବା ସହିତ ଜିଲ୍ଲାରେ ଥିବା ଅଣସଂଗଠିତ ଶ୍ରମିକ ମାନଙ୍କୁ ସଂଗଠିତ କରିବା ସହିତ ସେମାନଙ୍କ ସୁବିଧା ଅସୁବିଧାରେ ସହାୟକ ହେବା ସହିତ ସେମାନଙ୍କର ଅନ୍ୟାନ୍ୟ ସୁବିଧା ଅଶସୁବିଧାରେ ମଧ୍ୟ ସେ ସହାୟକ ହେବେ ବୋଲି କହିଛନ୍ତି ।

ଧୋୟା ଅଂଚଳରେ ବିଧାୟକଙ୍କ ନିର୍ବାଚନ ପ୍ରଚାର

କେନ୍ଦ୍ରାପଡ଼ା,୩/୨ (ନି.ପ୍ର): କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତରଡିପାଳ ଧୋୟା ଅଂଚଳରେ ବିଧାୟକ ଶଶି ଭୂଷଣ ବେହେରାଙ୍କ ନେତୃତ୍ୱରେ ନିର୍ବାଚନ ପ୍ରଚାର ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏହି ଉପାନ୍ତ ଅଂଚଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜିଲ୍ଲା ବିକାଶ ଯୋଜନା କାର୍ଯ୍ୟକାରିତା ସଂପର୍କରେ ଅନୁଧ୍ୟାନ କରିବା ସହ ଆଗାମୀ ତ୍ରିସ୍ତରୀୟ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଓ ଦଳର ସମର୍ଥକ ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି । ବିଧାୟକ ଶ୍ରୀ ବେହେରା ଘରକୁ ଘର ବୁଲି ଭୋଟରମାନଙ୍କୁ ସାକ୍ଷାତ କରିବା ସହ ଜିଲ୍ଲା ବିକାଶରେ ନିଆ ଯାଇଥିବା ଯୋଜନାଗୁଡିକୁ ସଫଳ କରିବା ପାଇଁ ବିଜେଡି ପ୍ରତି ସମର୍ଥନ ଜଣାଇବାକୁ ଭୋଟରମାନଙ୍କୁ ନିବେଦନ କରିଥିଲେ । ଏହି ଅବସରରେ ତରଡିପାଳ ଗ୍ରାମର ସକ୍ରିୟ ବିଜେପି କର୍ମୀ ସ୍ମୃତି ରଞ୍ଜନ ବିଶ୍ୱାଳ ବିଜେପି ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଥିବା ଜଣାପଡିଛି । ଏହି ଅଭିଯାନରେ ବ୍ଲକ ବିଜେଡି ସଭାପତି ଆଲୋକ ସାହୁ ଓ ଅନ୍ୟ ନେତୃ ସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ ।

୪୦୦ କେଜି ମହୁଲ ପୋଚ ନଷ୍ଟ: ୩ ଗିରଫ

ଘସିପୁରା,୩/୨ (ନି.ପ୍ର): ଅବକାରୀ ବିଭାଗର ଚଢାଉ କରି ୩୮ଲିଟର ମହୁଲି ମଦ ଜବତ କରିବା ସହ ୪୦୦ କେଜି ମହୁଲ ପୋଚ ନଷ୍ଟ କରିଛି । ଏହି ମାମଲାରେ ୩ ଜଣଙ୍କୁ ଗିର ଫ କରାଯାଇଛି । ସୂଚନା ରୁ ଜଣାଯାଏ ଘସିପୁରା ଥାନା ଅନ୍ତର୍ଗତ ଜଳନଣ୍ଡା ,ଧକୋଠା ,ନାଉଗାଣା, କୋଳି ମାଟି, ଗ୍ରାମରେ ଚୋରା ମହୁଲି ମଦ କାରବାର କରୁଥିବା ବେଳେ ଖବର ପାଇ ଆନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଗ୍ରାମରେ ଚଢାଉ କରାଯାଇଥିଲା । ଏହି ଚଢଉରେ ପ୍ରଫୁଲ କୁମାର ମହାନ୍ତ,ନରେନ୍ଦ୍ର କୁମାର ପ୍ରଧାନ, ସଂଜବ ସେଠୀ . ସୁଶାନ୍ତ କୁମାର ରାଉତ, ଲକ୍ଷ୍ମଣ ମହାନ୍ତ ପ୍ରମୁଖ ସାମିଲ ଥିଲେ ।

ରା. ଉଦୟଗିରିରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଆର.ଉଦୟଗିରି,୩/୨ (ନି.ପ୍ର): ଗଜପତି ଜିଲ୍ଲା ରା. ଉଦୟଗିରିରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦାଖଲ ହୋଇଥିବା ରିଟ୍ ପିଟିସନ୍ ର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଗତବର୍ଷ ସେପଟେମ୍ବର ୨୯ରେ ହାଇକୋର୍ଟରେ ଦାଖଲ ହୋଇଥିବା ପିଟିସନ୍ ରେ ରାଜ୍ୟର ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗ, ଦକ୍ଷିଣାଂଚଳ ରାଜସ୍ୱ କମିଶନର ଓ ଗଜପତି ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଥିଲା ।

ସେଥିରେ ଉଲ୍ଲେଖ ଥିଲା ଯେ, ରା. ଉଦୟଗିରିରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା ଦାବିରେ ଗତବର୍ଷ ଡିସେମ୍ବରରେ ଏକ ବିରାଟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ସେଥିରେ ପାଂଚ ହଜାରରୁ ଅଧିକ ଲୋକ ଯୋଗଦେଇ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଉଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ । କିନ୍ତୁ ଏହି ଦାବି ଉପରେ ସରକାର କୌଣସି ପଦକ୍ଷେପ ନ ନେବାରୁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ରିଟ୍ ପିଟିସନ୍ ଦାଖଲ କରାଯାଇଥିଲା । ଜଷ୍ଟିସ ବିଶ୍ୱନାଥ ରଥ ଏହାର ଶୁଣାଣି କରି କୋର୍ଟଙ୍କ ନିର୍ଦ୍ଦେଶର ନକଲ ସହିତ ପିଟିସନ ନକଲ ପାଇବାର ଦେଢ଼ ମାସ ମଧ୍ୟରେ ରା. ଉଦୟଗିରିରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟେ କୋର୍ଟଙ୍କ ନିର୍ଦ୍ଧାରିତ ସମୟରେ ସରକାର ପଦକ୍ଷେପ ନନେଲେ ମୁଖ୍ୟ ଶାସନ ସଚିବଙ୍କ ବିରୁଦ୍ଧରେ କୋର୍ଟ ଅବମାନନା ମାମଲା ରୁଜୁ କରାଯିବ ବୋଲି ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଉଲୁଣ୍ଡା ଏସବିଆଇ ବ୍ୟାଙ୍କରେ ଅଗ୍ନିକାଣ୍ଡ: ପୋଡ଼ିଗଲା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଆସବାବପତ୍ର

ସୁବର୍ଣ୍ଣପୁର,୩/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ସ୍ଥିତ ଏସବିଆଇ ବ୍ୟାଙ୍କ ଶାଖା କାର୍ଯ୍ୟାଳୟରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଅଗ୍ନିକାଣ୍ଡ । ନିଆଁ ଲାଗି ପୋଡ଼ି ଯାଇଛି ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ଆସବାବପତ୍ର । ସର୍ଟ ସର୍କିଟ୍ ରୁ ଘଟିଛି ଏହି ଅଗ୍ନିକାଣ୍ଡ । ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତି ଜଳିପୋଡି ପାଉଁଶ ହୋଇଯାଇଛି । ପ୍ରଥମେ ରେକର୍ଡ଼ ରୁମ୍ ରେ ନିଆଁ ଲାଗିଥିଲା । ପରେ ଏହି ନିଆଁ ଅନ୍ୟ କୋଠରୀକୁ ବ୍ୟାପୀ ଥିଲା । ନିକଟରେ ଉପସ୍ଥିତ ଥିବା ସୁରକ୍ଷା କର୍ମୀ ଏ ସମ୍ପର୍କରେ ଉଲୁଣ୍ଡା ଦମକଳ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଛନ୍ତି ।

କବିସୂର୍ଯ୍ୟ ନଗର ଶିଶୁ ଉଦ୍ୟାନ ନିର୍ମାଣ କାର୍ଯ୍ୟର ତଦନ୍ତ ଦାବି

ଗଞ୍ଜାମ,୩/୨ (ନି.ପ୍ର): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଏନଏସିର ଅରବିନ୍ଦ ନଗର ନିକଟରେ ନିର୍ମାଣ ହୋଇଥିବା ଶିଶୁ ଉଦ୍ୟାନ କାର୍ଯ୍ୟର ତଦନ୍ତ ପାଇଁ ସାମାଜିକ କର୍ମୀ ତଥା ଫରୱାର୍ଡ ବ୍ଲକ ଗଞ୍ଜାମ ଜିଲ୍ଲାର ସାଧାରଣ ସମ୍ପାଦକ ସମରଜିତ୍ ମହାନ୍ତି ଦାବି କରିଛନ୍ତି । କେଉଁ କେଉଁ ଅନୁଦାର ଅର୍ଥ ଶିଶୁ ଉଦ୍ୟାନରେ ଖର୍ଚ୍ଚ ହୋଇଛି, ଟେଣ୍ଡର ଫିକ୍ସିଂ ହୋଇଛିକି ନାହିଁ, ଶିଶୁଙ୍କ ପାଇଁ କିଣା ଯାଇଥବା କ୍ରୀଡ଼ା ଉପକରଣ ବଜାର ମୂଲ୍ୟ ଠାରୁ ଅଧିକ ହୋଇଛି କି ନାହିଁ ଏବଂ ଏଗ୍ରିମେଂଟ ଅନୁଯାଇ କାର୍ଯ୍ୟ ହୋଇଛିକି ନାହିଁ ତାର ତଦନ୍ତ ପାଇଁ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀ, ପ୍ରମୁଖ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗ, ନିର୍ଦ୍ଦେଶକ ଭିଜିଲାନ୍ସ, ଓଡିଶା,ଗଞ୍ଜାମ ଜିଲ୍ଲାପାଳ ଓ ଏସପି, ଭିଜିଲାନ୍ସ, ବ୍ରହ୍ମପୁରଙ୍କୁ ଅଭିଯୋଗ ପତ୍ର ପଠାଇଛନ୍ତି।

କାଠପୋଲର ସ୍ଥିତି ପରଖିଲେ ଅଧିକାରୀ

ପୁରୀ,୩/୨ (ନି.ପ୍ର): ପୁରୀ - ଭୁବନେଶ୍ୱର ଜାତୀୟ ରଜପଥର କାଠପୋଲର ସ୍ଥିତି ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ଏକ ସ୍ୱତନ୍ତ୍ର ଟିମ ଅନୁଧ୍ୟାନ କରିଛନ୍ତି । ଏହି ଟିମରେ ପୁରୀ ପୂର୍ତ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଜିତ ମହାପାତ୍ର ଅନୁଧ୍ୟାନ କରିଛନ୍ତି । ଅନୁଧ୍ୟାନ ସମୟରେ ବ୍ରିଜ୍‌ର ବେରିଙ୍ଗ ସେଟ ଲଗାଯାଇଥିବା ଦେଖିବାକୁ ମିଳିଥିଲା । ବରିଷ୍ଠ ଆଇନଜୀବୀ ରଞ୍ଜନ ବେହେରା ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଗତକାଲି ଜାତୀୟ ରାଜପଥ ପକ୍ଷରୁ ୧୫ ଦିନ ଭିତରେ ମରାମତି କାର୍ଯ୍ୟ ଶେଷ ହେବ ବୋଲି ଶପଥ ପାଠ ଉପଜିଲ୍ଲାପାଳଙ୍କ କୋର୍ଟରେ ଦାଖଲ କରିଥିଲେ । ନିର୍ମାଣଧିନ କାଠପୋଲ ଯୋଗୁଁ ଏକ ପାଖିଆ ରାସ୍ତାରେ ଅନେକ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଥିଲା । ଏ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ହେବା ପରେ ଜାତୀୟ ରାଜପଥ ପ୍ରାଧିକରଣର ନିଦ ଭାଙ୍ଗିଥିଲା ।

୨୫୬ କେଜି ଗଞ୍ଜେଇ ଜବତ: ୫ ଗିରଫ

ମାଲକାନଗିରି,୩/୨ (ନି.ପ୍ର): ଗତକାଲି ରାତିରେ ମାଲକାନଗିରି ଜିଲ୍ଲା ମାଥିଲି ପୋଲିସ ଟିମ୍ ୩୨୬ ନମ୍ବର ଜାତୀୟ ରାଜପଥର ଗୋବିନ୍ଦପାଲି ଦୁର୍ଗାମନ୍ଦିର ନିକଟରେ ପେଟ୍ରୋଲିଂ କରୁଥିବାବେଳେ କିଛି ଲୋକ ସନ୍ଦେହଜନକ ଅବସ୍ଥାରେ ରାସ୍ତା ପା

ଥୁଆମୂଳ ରାମପୁର

ଦିଲ୍ଲୀପ କୁମାର ସାହୁ
ଶଙ୍କରପୁର, ଚାରବାଟିଆ, କଟକ
ମୋ-୯୮୬୧୧୨୬୧୯୭

କଳାହାଣ୍ଡି ଜିଲ୍ଲାର ତେରଗୋଟି ବ୍ଲକ ମଧ୍ୟରୁ ଅନ୍ୟତମ ଥୁଆମୂଳ ରାମପୁର । ଜିଲ୍ଲାର ସଦର ମହକୁମା ଭବାନୀପାଟଣା ସହର ଠାରୁ ସ୍ଥାନର ଦୂରତା ପଞ୍ଚାଅଶି କିଲୋମିଟର । ରାୟଗଡା ଓ ନବରଙ୍ଗପୁର ଜିଲ୍ଲାକୁ ଲାଗିରହିଥିବା ସେହି ବ୍ଲକ୍‌ଟି ବଣ ପାହାଡରେ ଭରପୁର । ଘନ

ଜଙ୍ଗଲ, ଅଙ୍କାବଙ୍କା ପାହାଡି ଝରଣା ଓ ଛୋଟବଡ ଜଳପ୍ରପାତ ତାର ଶୋଭା ସମ୍ପଦକୁ ବହୁଗୁଣିତ କରିଥାଏ । ଏକଦା ତାହାଥିଲା ଏକ ଅପହଞ୍ଚ ଇଲାକା । ଏବେ କିନ୍ତୁ ଭବାନୀପାଟଣା ଓ ରାୟଗଡାଠାରୁ ସେଠାକୁ ରାସ୍ତାଘାଟର ସୁବିଧା ରହିଛି । ଯେଉଁ ପଟୁ ଆସିଲେ ମଧ୍ୟ ଅଙ୍କାବଙ୍କା ଘାଟିରାସ୍ତା ଦେଇ ସେଠାରେ ପହଞ୍ଚିବାକୁ ପଡିଥାଏ । ସେହି ଘାଟିରାସ୍ତାରେ ଆସିବା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବଣ ଜଙ୍ଗଲ ଓ ଝରଣା ମନ ମୋହି ନେଇଥାଏ ।

ଥୁଆମୂଳ ରାମପୁରର ଇଷ୍ଟଦେବୀ ହେଉଛନ୍ତି ମା ମାଣିକେଶ୍ୱରୀ । ଭବାନୀପାଟଣା ପରି ସେଠାରେ ମଧ୍ୟ ମାଙ୍କର ଏକ ସୁନ୍ଦର ମନ୍ଦିର ରହିଛି । ମା ମାଣିକେଶ୍ୱରୀଙ୍କ ମନ୍ଦିରକୁ ଲାଗି ଥୁଆମୂଳ ରାମପୁର ରାଜପ୍ରାସାଦ । ରକ୍ଷଣା ବେକ୍ଷଣ ଅଭାବରୁ ପ୍ରାସାଦ ର ଅବସ୍ଥା ଏବେ ଜରାଜୀର୍ଣ୍ଣ ।

ରାଜପ୍ରାସାଦ ସମ୍ମୁଖରେ ଥୁଆମୂଳ ରାମପୁର ବସଷ୍ଟାଣ୍ଡ । ସେଠାକୁ ସକାଳୁ ସନ୍ଧ୍ୟାମଧ୍ୟରେ ନିୟମିତ ବ୍ୟବଧାନରେ ଭବାନୀପାଟଣା ଓ ରାୟଗଡାରୁ ବସ୍ ମାନ ଆସିଥାଏ । ସନ୍ଧ୍ୟାପରେ କିନ୍ତୁ ଗାଡିମଟର ମିଳେ ନାହିଁ ।

ବସଷ୍ଟାଣ୍ଡ ପାଖରେ ବସେ ଥୁଆମୂଳ ରାମପୁରର ସାପ୍ତାହିକ ହାଟ । ସ୍ଥାନୀୟ ଲୋକେ ହାଟକୁ ବଜାର କହନ୍ତି । ସେହି ବଜାର ଉପରେ ଆଖପାଖ ଗାଁ ଗଣ୍ଡାର ଲୋକେ ନିର୍ଭରଶୀଳ । ତେଣୁ ହାଟ ପାଳିଦିନ ସେଠାରେ ଖୁବ୍ ଗହଳି ଦେଖିବାକୁ ମିଳେ । ସେହି

ବଜାରରେ ପନିପରିବାଠାରୁ ଆରମ୍ଭକରି ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଉପଲବ୍ଧ ହୋଇଥାଏ ।

ଥୁଆମୂଳ ରାମପୁର ବସଷ୍ଟାଣ୍ଡ ଠାରୁ ଅନତି ଦୂରରେ ରହିଛି ଏକ ମନୋରମ ସ୍ଥାନ । ଯେଉଁଠି ପାହାଡଟା ହଠାତ୍ ଶେଷ ହୋଇଯାଇଥିବାପରି ମନେହୁଏ । ସେଠାରେ ପହଞ୍ଚିଲେ ଲାଗେ ସତେ ଯେପରି ଶହ ଶହ ମିଟରର ଏକ ପ୍ରାଚୀର ଉପରେ ଆମେ ଦଣ୍ଡାୟମାନ । ପାଦ ଖସିଗଲେ ବଞ୍ଚିବାର ଆଶା ଶୁନ୍ୟ । ତେଣୁ ସେ ସ୍ଥାନକୁ କୁହାଯାଏ ସୁଇସାଇଡ୍ ପଏଣ୍ଟ । ମୋବାଇଲ ଫୋନ୍ ବ୍ୟବହାର ଆରମ୍ଭରେ ସେହିଠାରୁହିଁ ନେଟୱାର୍କ ମିଳୁଥିଲା । ତେଣୁ ସେହି ସ୍ଥାନକୁ ଅନେକେ ହ୍ୟାଲୋ ପଏଣ୍ଟ କହିବା ଆରମ୍ଭ କଲେ । ତାହା ସୁଇସାଇଡ୍ ପଏଣ୍ଟ ହେଉ କି ହ୍ୟାଲୋ ପଏଣ୍ଟ, ସେଠାରୁ ଦିଗବଳୟର ଶେଷ ଯାଏ ଦେଖାଯାଉଥିବା ସ୍ଥାନର ଦୃଶ୍ୟ ଖୁବ୍ ମନୋରମ । ସେହିଠାରୁ କଳାହାଣ୍ଡି ଜିଲ୍ଲାର ଅନ୍ୟଦୁଇଟି ବ୍ଲକ ଜୟପାଟଣା ଓ କଲମପୁର ଅଞ୍ଚଳ ସହିତ ଇନ୍ଦ୍ରାବତୀ ନଦୀର ଗତିପଥ ସ୍ପଷ୍ଟ ବାରିହୁଏ । ସେହି ଥୁଆମୂଳ ରାମପୁରରେ ରହିଛି ଇନ୍ଦ୍ରାବତୀର ଏନ୍ଥୁଡିଶାଳ । ହ୍ୟାଲୋପଏଣ୍ଟ ଠାରୁ ଦେଖିଲେ ମନେହୁଏ ସତେ ଯେପରି ନଦୀଟି ତାର ଏନ୍ଥୁଡିଶାଳରୁ ଡେଇଁ ଡେଇଁ ବଣପାହାଡ ଓ ବିଲ ବଣ ଦେଇ ବହିଯାଉଛି ପୁଣ୍ୟତୋୟା ଗୋଦାବରୀ ବୁକୁରେ ହଜିଯିବାପାଇଁ ।

ସେହି ହ୍ୟାଲୋପଏଣ୍ଟରେ ବର୍ଷାଦିନେ ଭଷା ମେଘଖଣ୍ଡ ଦେହରେ ବାଡେଇ ହେବାପରି ମନେ ହୁଏ । ଠିକ୍ ଯେମିତି ମେଘାଳୟର ଚେରାପୁଞ୍ଜିପରି ।

ଥୁଆମୂଳ ରାମପୁର ଅନ୍ତର୍ଗତ ମର୍ତ୍ତିଗୁଡା ଗାଁରୁ ଇନ୍ଦ୍ରାବତୀ ନଦୀର ସୃଷ୍ଟି । ଆଦିବାସୀ ଅଧ୍ୟୁଷିତ ଏହି ଗାଁ ସମୁଦ୍ରପତ୍ତନ ଠାରୁ ପ୍ରାୟ ଦୁଇହଜାର ଫୁଟ ଉଚ୍ଚରେ ଅବସ୍ଥିତ । ମର୍ତ୍ତିଗୁଡା

ଗାଁ ମୁଣ୍ଡରେ ରହିଛି ଝଙ୍କା ଆମ୍ବଗଛଟିଏ । କାହିଁକେତେ କାଳର ଏହି ପୁରୁଣା ଆମ୍ବଗଛ ମୂଳରୁ ତିନିଗୋଟି ଝର । ସେହି ଝର ତିନୋଟିର ଜଳଧାରାକୁ ଲୋକେ ଗଙ୍ଗା, ଯମୁନା, ସରସ୍ୱତୀ ବା ତ୍ରୀଧାରା ଭାବରେ ନାମିତ କରିଛନ୍ତି ।

ସେହି ତିନିଗୋଟି ଧାରରୁ ସୃଷ୍ଟି କଳାହାଣ୍ଡି ଜିଲ୍ଲାର ଜୀବନରେଖା ଇନ୍ଦ୍ରାବତୀ । ଯେଉଁ ନଦୀର ଜଳ ଯୋଗୁ, ଦିନେ ମରୁଡି ପ୍ରପୀଡିତ ଜିଲ୍ଲାଭାବରେ ଗଣା ହେଉଥିବା କଳାହାଣ୍ଡି ଆଜି ଧାନ ଉତ୍ପାଦନ କ୍ଷେତ୍ରରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି । ଥୁଆମୂଳ ରାମପୁରର ଅଧିବାସୀମାନେ ସାଧାରଣତଃ ଡଙ୍ଗରିଆ ଓ କୁଟିଆ କନ୍ଧ ସମ୍ପ୍ରଦାୟର । ସେମାନେ ଜଙ୍ଗଲ ଓ କୃଷି ଉପରେ ନିର୍ଭର କରି ଚଳନ୍ତି । ପାରମ୍ପରିକ ପଦ୍ଧତିରେ ସେମାନେ ଧାନ, ମାଣ୍ଡିଆ ଓ ସୁଆଁ ଆଦି ଚାଷ କରିଥାନ୍ତି । ଏବେ ଜାତୀୟ କୃଷି ଉନ୍ନୟନ ବ୍ୟାଙ୍କ ନାବାର୍ଡ ଓ କେତେକ ବେସରକାରୀ ଅନୁଷ୍ଠାନର ସହାୟତାରେ ସେହି ଲୋକମାନେ ଆଧୁନିକ ପ୍ରଣାଳୀରେ ପନିପରିବା ଓ ଅନ୍ୟାନ୍ୟ ଫସଲ ଚାଷ କରିବା ଆରମ୍ଭ କଲେଣି । ସେହି ଆଦିବାସୀ ମାନେ ରାସାୟନିକ ସାର ଅପେକ୍ଷା ଜୈବିକ ସାର ଉପରେ ବେଶ୍ ଗୁରୁତ୍ୱ ଦେଇଥାନ୍ତି । ତେଣୁ ସେମାନେ ଉତ୍ପାଦନ କରୁଥିବା ପନିପରିବାର ସ୍ଥାନୀୟ ବଜାରରେ ବେଶ୍ ଚାହିଦା ରହିଥାଏ ।

ଅନ୍ୟାନ୍ୟ ଆଦିବାସୀଙ୍କ ପରି ଥୁଆମୂଳ ରାମପୁରର ଆଦିବାସୀମାନେ ମଧ୍ୟ ନାଚଗୀତ ପ୍ରିୟ । ତେଣୁ ସେମାନଙ୍କ ସଂସ୍କୃତି ଓ ପରମ୍ପରା ସହିତ ନାଚଗୀତର ପ୍ରଚାର ପ୍ରସାର ନିମନ୍ତେ ପ୍ରତିବର୍ଷ ସେହି ବ୍ଲକର ପେରୁମଞ୍ଜି ଠାରେ ଆୟୋଜିତ ହୋଇଥାଏ ଡଙ୍ଗର ପରଜା ଉତ୍ସବ । ସେହି ଉତ୍ସବରେ ଆଦିବାସୀ ଚିତ୍ରକଳା ଓ ଆଖପାଖ ଅଞ୍ଚଳର ବିଭିନ୍ନ ନୃତ୍ୟସଂଗୀତ ପରିବେଷଣ ସ୍ଥାନୀୟ ଲୋକଙ୍କୁ ଆହ୍ଲାଦିତ କରିବା ସହିତ ସେ ଅଞ୍ଚଳକୁ



ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ବେଶ୍ ସହାୟକ ହୋଇଥାଏ । ପ୍ରାଚୁର୍ଯ୍ୟତାରେ ଭରପୁର ଥୁଆମୂଳ ରାମପୁର ଏକ ମାଓ ପ୍ରବଣ ଅଞ୍ଚଳ ସତ ହେଲେ ପର୍ଯ୍ୟଟକଙ୍କ ପାଇଁ ଏଠାରେ ନଥାଏ କୌଣସି ଅସୁବିଧା । ପର୍ଯ୍ୟଟକମାନେ ସକାଳୁ ସକାଳୁ ଭବାନୀପାଟଣା କିମ୍ବା ରାୟଗଡାରୁ ବାହାରି ସନ୍ଧ୍ୟାସୁଧା ଏଠାରେ ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲି ଫେରିଯିବାରେ ନଥାଏ କୌଣସି ବାଧାବିଘ୍ନ । ପ୍ରକୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଭଲପାଉଥିବା ଲୋକଙ୍କ ପାଇଁ ଏହା ଭୁସ୍ୱର୍ଗ କହିଲେ ଅତ୍ୟୁକ୍ତି ହେବନାହିଁ ।

ସୁଜି ପ୍ୟାନ୍ କେକ୍

ଆବଶ୍ୟକ ସାମଗ୍ରୀ: ସୁଜି, ଦହି, ପାଣି, ଲୁଣ, କଟା ଗାଜର, କଟା ବିନ୍ସ, କଟା ଧନିଆ ପତ୍ର, କଟା କ୍ୟାପ୍ସିକମ୍, କଟା ବନ୍ଧା କୋବି, କଟା ଟମାଟୋ, ଲଙ୍କା ଗୁଣ୍ଡ, ଗରମ ମସଲା, ଧନିଆ ପାଉଡର, ଜିରା ପାଉଡର, ବ୍ରେଙ୍କିଂ ପାଉଡର, ଭୃସୁଙ୍ଗ ପତ୍ର ଓ ସୋରିଷ ।

ପ୍ରସ୍ତୁତି ପ୍ରଣାଳୀ: ଏକ ପାତ୍ରରେ ଏକ କପ୍ ସୁଜି ନିଅନ୍ତୁ । ସେଥିରେ ହାପ କପ୍ ଦହି ଓ ଅଳ୍ପ ପାଣି ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ଅଧ ଘଣ୍ଟା ପର୍ଯ୍ୟନ୍ତ ତାକୁ ଘୋଡ଼ାଇ ରଖନ୍ତୁ । ପରେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ ଓ ପାଣି ମିଶାଇ ଘୋଳ ପ୍ରସ୍ତୁତ କରନ୍ତୁ । ସେଥିରେ କଟା ଗାଜର, କଟା ବିନ୍ସ, କଟା ଧନିଆ ପତ୍ର, କଟା କ୍ୟାପ୍ସିକମ୍, କଟା ବନ୍ଧା କୋବି, କଟା ଟମାଟୋ ,ଏକ ଚାମଚ ଲଙ୍କା ଗୁଣ୍ଡ, ଅଧା ଚାମଚ ଗରମ ମସଲା, ଅଧା ଚାମଚ ଧନିଆ ପାଉଡର, ଜିରା ପାଉଡର ଓ ଅଳ୍ପ ପାଣି ପକାଇ ଗୋଳାଇ ଦିଅନ୍ତୁ । ପରେ ସେଥିରେ ଅଳ୍ପ ବ୍ରେଙ୍କିଂ ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ ।

ଏବେ ପ୍ୟାନ୍‌ରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ସେଥିରେ ଅଳ୍ପ ସୋରିଷ ଓ ଭୃସୁଙ୍ଗ ପତ୍ର ପକାଇ ଦିଅନ୍ତୁ । ପରେ ଗୋଳାଇ ରଖି ଥିବା ମସଲା ସୁଜିକୁ ପ୍ୟାନ୍‌ରେ ପକାଇ ଚକୁଳି ପିଠା ପରି ଗଢ଼ନ୍ତୁ । ଏହାର ଦୁଇ ପାଖ ହାଲ୍‌କା ଲାଲ ହେବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସୁଜି ପ୍ୟାନ୍ କେକ୍ ।

ଘରୋଇ ବ୍ଲିଚ୍ ପଦ୍ଧତି

ସୁନ୍ଦର ଦେଖାଯିବା ପାଇଁ ମହିଳାମାନେ ପାର୍ଲର ଯାଇ ବ୍ଲିଚ୍ କରାଇଥାନ୍ତି । ମୁହଁର ଚୁଟି ଲୁଚାଇବାକୁ ଯାଇ ମହିଳାମାନେ ବିଭିନ୍ନ ବ୍ଲିଚ୍ କ୍ରିମ ମଧ୍ୟ ବ୍ୟବହାର କରିଥାନ୍ତି । ଯାହାଫଳରେ କ୍ରୀମରେ ଥିବା କେମିକଲ ପାଇଁ ମୁହଁ କୁଣ୍ଡାଇ ହୋଇ ଦାଗ ହେବା ସହ ମୁହଁର ଉଜ୍ଜ୍ୱଳତା କମିଯାଏ । କିଛି ଟିପ୍ସ ଆପଣାଇବା ଦ୍ୱାରା ଘରୋଇ ଉପାୟରେ ମଧ୍ୟ ବ୍ଲିଚ୍ କରିପାରିବେ । ଦହି, କମଳା, ଅମୃତଭଣ୍ଡା ଏବଂ କାକୁଡ଼ିକୁ ବ୍ୟବହାର କରି ପେଷ୍ଟ ପ୍ରସ୍ତୁତି କରି ଆପଣ ମୁହଁରେ ବ୍ୟବହାର କରନ୍ତୁ । ଏହାଦ୍ୱାରା ମୁହଁ ବ୍ଲିଚ୍ ହେବା ସହ ସଫା ହୋଇଥାଏ । ଦହିରେ ପ୍ରଚୁର ପରିମାଣ ଲାକଟିକ୍ ଏସିଡ୍ ରହିଥିବାରୁ ଏଥିରେ ବ୍ଲିଚର ସମସ୍ତ ଗୁଣ ରହିଥାଏ । ସେଥିପାଇଁ ତ୍ୱଚାରେ ଦହି ଲଗାଇ କିଛି ସମୟ ପାଇଁ ଛାଡ଼ିଦିଅନ୍ତୁ ଏବଂ ଏହାପରେ ନଖ ଉଷୁମ ପାଣିରେ ମୁହଁ ଧୋଇଦିଅନ୍ତୁ ।

ଏହା ତ୍ୱଚା ପାଇଁ ଖୁବ୍ ଉତ୍ତମ । କମଳାରେ ଭିଟାମିନ୍-ସି ରହିଥାଏ ଯାହା ତ୍ୱଚା ପାଇଁ ଖୁବ୍ ଉପକାରୀ । କମଳାରେ ଥିବା ସିଟ୍ରିକ୍ ଏସିଡ୍ ବ୍ଲିଚର କାମ କରିଥାଏ । କମଳା ରସରେ ଅଳ୍ପ ହଳଦୀ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତ ଏବଂ ସେହି ପେଷ୍ଟକୁ ମୁହଁରେ ଲଗାଇ ୨୦ମିନିଟ୍ ଛାଡ଼ିଦିଅନ୍ତୁ । ଏହାପରେ ମୁହଁ ଧୁଅନ୍ତୁ । ଦେଖିବେ ଏହା ତ୍ୱଚା ଉପରେ ଭଲ ପ୍ରଭାବ ପକାଇଥାଏ ।

ନିୟମିତ ଖାଆନ୍ତୁ ପନିର୍

ଭାରତୀୟ ଶାକାହାରୀ ବ୍ୟଞ୍ଜନରେ ପନିର୍‌ର ଆଦର ରହିଛି । ବିଶେଷ ପର୍ବପର୍ବାଣିରେ ଅଧିକାଂଶଙ୍କ ଘରେ ପନିର୍ ତରକାରି ପରଷାଯାଇଥାଏ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଘରେ ପନିର୍ ତିଆରି କରି ସପ୍ତାହକୁ ୨-୩ ଥର ଖାଇପାରିବେ । ବଜାରରେ ମିଳୁଥିବା ଫ୍ରୋଜେନ୍ ପନିର୍‌କୁ ଯଥାସମ୍ଭବ କମ୍ ବ୍ୟବହାର କରିବା ଭଲ । କାରଣ ଏଥିରେ ରାସାୟନିକ ତତ୍ତ୍ୱ ମିଶିବାର ଭୟ ଥାଏ ।

♦ ସେଲେନିୟମ୍ ଓ ପୋଟାସିୟମ୍ ତତ୍ତ୍ୱ ଭରପୂର ପନିର୍ ଆମ ଶରୀରକୁ ଆବଶ୍ୟକ ପରିମାଣରେ ଶକ୍ତି ଯୋଗାଇଥାଏ । ପିଲାଙ୍କଠାରୁ ବୟସ୍କ ସମସ୍ତେ ଏହା ଖାଇପାରିବେ । ମଧୁମେହ ରୋଗୀ ବିଶେଷଜ୍ଞଙ୍କ ପରାମର୍ଶ ନେବା ଭଲ ।

♦ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ, ପ୍ରତିଦିନ ପନିର୍ ଖାଇବା ଉଚିତ । କେଟୋ ଡାଏଟ୍‌ରେ ପନିର୍ ପ୍ରତିଦିନ ଖାଇବାକୁ ପରାମର୍ଶ ଦିଆଯାଇଥାଏ ।

♦ ପନିର୍ ଖାଇଲେ ସ୍ମୃତିଶକ୍ତି ବୃଦ୍ଧି ହେବାରେ ସହାୟକ ହେଉଥିବା ବେଳେ ବୟସ୍କ ପିଢ଼ି ପ୍ରତିଦିନ ଅଳ୍ପ ପରିମାଣରେ ଖାଇବା ଭଲ । ଏ ବାବଦରେ ବିଶେଷଜ୍ଞ ମତ ଦେଇଛନ୍ତି, ଗୋଟିଏ କିମ୍ବା ଦୁଇ ଖଣ୍ଡ ପନିର୍ ମଧ୍ୟ ଖାଇପାରିବେ । ଆଲଜାଇମର୍ସ ଓ ଡିମେନ୍‌ସିୟା ରୋଗୀଙ୍କ ଉପରେ ପରୀକ୍ଷା କରାଯିବା ପରେ ଜଣାପଡ଼ିଛି, ସ୍ମୃତିଶକ୍ତି ଭଲ ରଖିବା ନିମନ୍ତେ ପ୍ରତିଦିନ ପନିର୍ ଖାଇବା ଭଲ ।

♦ ଯୁବତୀ ଓ ମହିଳାଙ୍କ ନିମନ୍ତେ ଏହା ପୋଷକତତ୍ତ୍ୱ ଭରପୂର ଖାଦ୍ୟ । ପ୍ରସବ ପରେ ଶରୀରକୁ ଶକ୍ତି ଦେବା ନିମନ୍ତେ ମହିଳାମାନେ ପନିର୍ ପ୍ରସ୍ତୁତ ବ୍ୟଞ୍ଜନ ଖାଇବା ଉଚିତ ।

♦ ପନିର୍‌ରେ ଥିବା ତତ୍ତ୍ୱ ଆମ ଦାନ୍ତ ଓ ହାଡ଼କୁ ମଧ୍ୟ ଶକ୍ତ କରିଥାଏ । ସକାଳ ଜଳଖିଆ ହେଉ କିମ୍ବା ଦ୍ୱିପହର ଭୋଜନ ଅବା ରାତ୍ରି ବେଳା, ଯେ କୌଣସି ସମୟରେ ପନିର୍ ଖାଇଲେ ତାହା ଭଲରେ ହଜମ ହୋଇଯାଏ । ହେଲେ ପନିର୍‌କୁ ଅଧିକ ପରିମାଣରେ ଖାଇବା ଅନୁଚିତ ।

♦ ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ଭରପୂର ପନିର୍ ଖାଇଲେ ଆମ କେଶ ଓ ତ୍ୱଚାର ସମସ୍ୟା ମଧ୍ୟ ଦୂର ହୁଏ । ପୋଟାସିୟମ୍ ଏଇ ଖାଦ୍ୟରେ ମଜହୁଦ୍ ଥିବାରୁ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ ହୃଦ୍‌ରୋଗୀଙ୍କ ନିମନ୍ତେ ଏକ ଉତ୍ତମ ଖାଦ୍ୟ ବୋଲି ବିଶେଷଜ୍ଞଙ୍କ ମତ ।

ଆୟୁର୍ବେଦର ଦିୱାନା ହେବ ଆମେରିକା

ଦିନକୁଦିନ ଆୟୁର୍ବେଦିକ ଔଷଧ ଉପରେ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିବାକୁ ଲାଗଇଛି । ଯେଉଁଥିପାଇଁ ଭାରତ ପରେ ଆମେରିକାରେ ଆୟୁର୍ବେଦକୁ ଲୋକପ୍ରିୟ କରିବା ପାଇଁ ଚେଷ୍ଟା ଜାରି ରହିଛି । ନିକଟରେ ଆୟୁର୍ବେଦିକ ଔଷଧ ଏବଂ ତା'ର ପ୍ରଭାବକୁ ନେଇ ବିଶାଳ 'ଇଣ୍ଡୋ-ୟୁଏସ ଓ୍ୱେଲନେସ୍' ସମାଗମ କାଲିଫର୍ଣ୍ଣିଆରେ ଆୟୋଜିତ ହୋଇଛି । ଏଥିରେ ବଡ଼ ସଂଖ୍ୟାରେ ଆୟୁର୍ବେଦ ସହ ଜଡ଼ିତ ଥିବା ଭାରତୀୟ ସଂସ୍ଥା, କମ୍ପାନୀ ଓ ବିଶେଷଜ୍ଞ ଭାଗ ନେଇଛନ୍ତି । ଏହାସହ ଏହି ସମାଗମରେ ଆୟୁର୍ବେଦ, ଯୋଗ, ହର୍ବଲ, ପ୍ରାକୃତିକ ଚିକିତ୍ସା ଭଳି ଭାରତୀୟ ଉତ୍ପାଦକୁ ପ୍ରଦର୍ଶନୀ କରି ବିଶେଷଜ୍ଞମାନେ ଲୋକଙ୍କୁ ଏହାର ଉପକାରିତା ସମ୍ବନ୍ଧରେ ମଧ୍ୟ ସୂଚନା ଦେଇଛନ୍ତି । ଖାସ୍ କଥାଟି ହେଲା, ଆୟୁଷ ମନ୍ତ୍ରଣାଳୟର ସହଯୋଗରେ ଏହି ସମାଗମ ଆୟୋଜନର ଭାର ସମ୍ଭାଳିଛି ଆମେରିକା । ବର୍ତ୍ତମାନ ସମୟରେ ଆମେରିକୀୟବାସୀ ମଧୁମେହର ଚିକିତ୍ସା ପାଇଁ ଆୟୁର୍ବେଦ, ପ୍ରାକୃତିକ ଚିକିତ୍ସା ଏବଂ ଯୋଗକୁ ବିକଳ୍ପିକ ଉପଚାର ରୂପେ ଆପଣାଯାଉଛନ୍ତି । ନ୍ୟୁୟର୍କରେ ରହୁଥିବା ଭରତୀୟ ବଂଶଭୋବ ଡ. ଭଗବତୀ ଭଟ୍ଟାଚାର୍ଯ୍ୟଙ୍କ ଅନୁସାରେ, 'ପ୍ରଥମେ ଯୋଗକୁ ଆପଣାଇ ଲାଭବାନ ହୋଇଥିବା ଆମେରିକୀୟ ଏବେ ଆୟୁର୍ବେଦ ଆଡକୁ ଆକର୍ଷିତ ହେବାକୁ ଲାଗିଛନ୍ତି ।'

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୪

୦୪ ଫେବୃଆରୀ ୨୦୨୨, ଶୁକ୍ରବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ତୀବ୍ର ହେଲା ବିବାଦ...

ନିକଟରେ ପୂର୍ବ ୟୁରୋପରେ ନାଟୋ ସାମରିକ ମେ ଓ ରୁଷ ଭିତରେ ୟୁକ୍ରେନ୍‌କୁ ନେଇ ବିବାଦ ତୀବ୍ର ରୂପ ନେବା ଆରମ୍ଭ କରିଛି । ଯୁକ୍ତରାଷ୍ଟ୍ର ଆମେରିକା ସମେତ ନାଟୋ ମେ ଭୁକ୍ତ ଦେଶଗୁଡ଼ିକ ଏହାକୁ ସମ୍ମାନର ପ୍ରଶ୍ନ ରୂପେ ଧରିନେଇଥିବା ବେଳେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ସୀମାନ୍ତରେ ସାମରିକ ବଳ ଠୁଳ କରି ହସ୍ତକ୍ଷେପ ପାଇଁ ଅ । ଭିଡୁଛନ୍ତି । ସ୍ଥିତି ଅଧିକ ଜଟିଳ ହେବାକୁ ଯାଉଥିବାର ଦେଖାଯିବା ପରେ ମିଳିତ ଜାତିସଂଘର ନିରାପ । ପରିଷଦ ବୈଠକ ଡକାଯାଇଥିଲା । ବୈଠକରେ ଉଭୟ ପକ୍ଷଙ୍କୁ ସଂଯମାଚରଣ ସକାଶେ କୁହାଯାଇଛି । ଭାରତ ଏହି ବୈଠକରେ ଅଂଶଗ୍ରହଣ କରିନଥିଲେ ସୁଦ୍ଧା ବିଷମ ସ୍ଥିତିକୁ ସାମାନ୍ୟ କରିବା ସକାଶେ ଅନୁରୋଧ ଜଣାଇଛି । ପୂର୍ବତନ ସୋଭିଏତ୍ ୟୁନିଅନ୍‌ର ଅଙ୍ଗ ପ୍ରଜାତନ୍ତ୍ର ରହି ଆସିଥିବା ୟୁକ୍ରେନ୍ ପୃଥକ୍ ହୋଇସାରିଥିଲେ ହେଁ ରୁଷ ସହ ସମ୍ପର୍କ ଠିକ୍‌ଠାକ୍ ଥିଲା । ଏହା ଭିତରେ 'ନାଟୋ' ସାମରିକ ମେ ରେ ସାମିଲ କରିବା ସକାଶେ ଉଦ୍ୟମ ଆରମ୍ଭ ହେବାକୁ ରୁଷ ତାହାର ଦୃଢ଼ ବିରୋଧ କରିଛି । ଯୁକ୍ତରାଷ୍ଟ୍ରର ପ୍ରେସିଡେ ଜୋ' ବାଇଡେନ୍ ଏଥିପାଇଁ ଅଧିକ କ୍ରୁଦ୍ଧ ପ୍ରତିକ୍ରିୟା ପ୍ରକାଶ କରି ଆବଶ୍ୟକ ହେଲେ ରୁଷ ବିରୋଧରେ ଯୁଦ୍ଧ ଆରମ୍ଭ କରିଦେବାର ଚେତାବନୀ ଶୁଣାଇ ଦେଇଛନ୍ତି । ପୁଟିନ୍ କୌଣସିମତେ ବାଇଡେନ୍‌ଙ୍କ ଧମକୋଣକୁ ହଜମ କରିବା ଅବସ୍ଥାରେ ନାହାଁନ୍ତି । ତାହାରି ଭିତରେ ରୁଷର ମୁଖ୍ୟ ପ୍ରଶାସନ କେନ୍ଦ୍ର କ୍ରେମଲିନ୍‌ରେ ଥିବା ପୁଟିନ୍‌ଙ୍କ 'ଇନର ସର୍କଲ'ରେ ହମ୍‌ଲା କରାଯିବ ବୋଲି ମଧ୍ୟ ବାଇଡେନ୍ କହିସାରିଲେଣି । ତାହାର ଜବାବ ଦେବା ଶକ୍ତି ରୁଷ ପାଖରେ ଅବଶ୍ୟ ଅଛି ବୋଲି ବିଶେଷଜ୍ଞ ମହଲର ଧାରଣା । ମିଳିତ ଜାତିସଂଘର ନିରାପ । ପରିଷଦର ଉଭୟ ରୁଷ ଓ ଆମେରିକା ଭିତରେ ତୁମୂଳ କଥା କଟାକଟି ଭିତରେ ସୀମାନ୍ତ ସ୍ଥିତିରେ ତୁରନ୍ତ ସମାଧାନ ଆଶା ପ୍ରାୟତଃ ମଉଳି ଯାଇଛି । ଅବସ୍ଥା ଅଧିକ ଜଟିଳ ଓ ବିସ୍ଫୋରକ ହେବା ପୂର୍ବରୁ ମାର୍କିନ ନାଗରିକମାନଙ୍କ ୟୁକ୍ରେନ୍ ଛାଡ଼ିଦେବା ପାଇଁ ପରାମର୍ଶ ଦେଇଛି ଆମେରିକା । କିନ୍ତୁ ନାଟୋ କହିଛି ଯେ, ଯଦି ରୁଷ ତାହାର ସୈନ୍ୟଙ୍କୁ ହଟାଇନେବ, ତେବେ ସୀମାନ୍ତରେ ସାମରିକ କାର୍ଯ୍ୟାନୁଷ୍ଠାନ କରିବାକୁ ମେ ଚାହିଁନପାରେ । ୟୁକ୍ରେନ୍ ମଧ୍ୟ ରୁଷର ସେନା ପ୍ରତ୍ୟାହାର ଲାଗି କହିଛି । ବହୁ ଦଶନ୍ଧି ତଳେ ସୋଭିଏତ୍ ୟୁନିଅନ୍ ନେତୃତ୍ୱରେ ୱାର୍ସା ଚୁକ୍ତି ମେ ଥିଲା ଏବଂ ତାହା ବିପକ୍ଷରେ ଆମେରିକା-ବ୍ରିଟେନ୍ ନେତୃତ୍ୱରେ ଥିଲା ନାଟୋ । ସୋଭିଏତ୍ ରାଷ୍ଟ୍ରସଂଘ ଖଣ୍ଡ ଖଣ୍ଡ ହୋଇଗଲା । ହଙ୍ଗେରୀ, ୟୁଗୋସ୍ଲାଭିଆ, ପୂର୍ବ ଜର୍ମାନୀ, ରୋମାନିଆ ଭଳି ରାଷ୍ଟ୍ରମାନେ ତାହା ସହିତ ରୂପାନ୍ତରିତ ହୋଇଗଲେ । ସେମାନଙ୍କ ବିଲୟ ହୋଇନଥିଲେ ସୁଦ୍ଧା ନାଟୋର ଶକ୍ତି ବୃଦ୍ଧି ପାଇଁ ରାସ୍ତା ଅଧିକ ପ୍ରଶସ୍ତ ହୋଇଗଲା । ଏପରିକି ପରିବର୍ତ୍ତିତ ରୁଷ ମଧ୍ୟ ପଶ୍ଚିମ ମୁହାଁ ହୋଇଗଲା । ପୁଟିନ୍‌ଙ୍କ ପୂର୍ବରୁ ମାର୍କିନ୍ ଯୁକ୍ତରାଷ୍ଟ୍ର ସହିତ ରୁଷ ନରମ ସମ୍ପର୍କ ଆପଣାଇଥିଲା । ପୃଷ୍ଠଭୂମି ଯାହା ହୋଇଥିଲେ ସୁଦ୍ଧା ରୁଷ ୟୁକ୍ରେନ୍ ଏମିତିରେ ନାଟୋ ମେ ହେବାକୁ ସୁଯୋଗ ଦେବା ଅବସ୍ଥାରେ ନାହିଁ । ଏମିତିରେ ରୁଷ ନାଗରିକଙ୍କ ଅଧୁଷିତ କ୍ଷେତ୍ରରେ ରୁଷ ପତିଆରା ରଖିବାକୁ ଅବଶ୍ୟ ଚାହିଁବ । କିନ୍ତୁ ଏହାକୁ ଆମେରିକା ଓ ନାଟୋ ସଦସ୍ୟମାନେ କିଭଳି ଗ୍ରହଣ କରିନେବେ ତାହା ଉପରେ ବିଶ୍ୱ ସମୁଦାୟର ଦୃଷ୍ଟି ନିବଦ୍ଧ ରହିଛି । ବୃହତ୍ ଶକ୍ତି ଭିତରେ ଏହା ବିଷମ ସ୍ଥିତି ଉତ୍ପନ୍ନ କରିଥିବା ହେତୁ ସମସ୍ତେ ସ୍ୱାଭାବିକ ସ୍ଥିତି ଫେରିଆସିବା ଚାହିଁବେ । ମାତ୍ର ବିଶ୍ୱବାସୀଙ୍କ ଆଶା-ଆଶଙ୍କା ନେଇ ବୃହତ୍ ଶକ୍ତି କିଭଳି ଗ୍ରହଣ କରିଛନ୍ତି, ତାହା ଦେଖାଯିବା କଥା । ବିଶ୍ୱବ୍ୟାପୀ କରୋନା ବିରୋଧୀ ସଂଗ୍ରାମ ଚାଲିଥିବା ସମୟରେ କୌଣସି ଏଭଳି ଜଟିଳତାକୁ କେହି ଗ୍ରହଣ କରିପାରିବା ଚାହାଁନ୍ତି ନାହିଁ । ଶୀତଳ ଯୁଦ୍ଧ ସମୟ ବହୁ ପୂର୍ବରୁ ଚାଲିଯାଇଛି । ୟୁକ୍ରେନ୍ ସୀମାନ୍ତ ସ୍ଥିତି ଯଦି ଶୀତଳ ଯୁଦ୍ଧର କାରଣ ହୁଏ, ତାହା ଉଭୟ ଜନାକୁ ଅଧିକ ତୀବ୍ର କରିପାରେ । ଦୁଇ ଦୁଇଟି ବିଶ୍ୱଯୁଦ୍ଧ ବିଭୀଷିକା ଦେଖିଥିବା ବିଶ୍ୱବାସୀ ଏଭଳି ଜଟିଳତାକୁ କିଭଳି ଗ୍ରହଣ କରିବେ, ତାହା ମଧ୍ୟ ବିଚାର୍ଯ୍ୟ ପ୍ରସଙ୍ଗ ।

ଓଡ଼ିଆ ଜାତିର ଚିର ସ୍ୱାଭିମାନ ମଧୁବାବୁ

ମୀରା ବେଉରା

ଊନବିଂଶ ଶତାବ୍ଦୀର ଶେଷଭାଗରୁ ବିଂଶ ଶତାବ୍ଦୀର ଶେଷଭାଗ ପର୍ଯ୍ୟନ୍ତ ପ୍ରାୟ ଅର୍ଦ୍ଧଶତାବ୍ଦୀ କାଳ ଓଡ଼ିଆ ଜାତିର ଜାତୀୟ ଜୀବନରେ ଯେତେବେଳେ ଘନଘୋର ଅନ୍ଧକାର ଘୋଟି ଆସୁଥିଲା ଓଡ଼ିଆ ଜାତି ଯେତେବେଳେ ତାର ଭାଷା, ଐତିହ୍ୟ, ସଂସ୍କୃତି, ସ୍ୱାଭିମାନକୁ ହରାଇ ନିଜର ସମ୍ପୂର୍ଣ୍ଣ ଅସ୍ତିତ୍ୱକୁ ହରାଇ ବସିଥିଲା ଠିକ୍ ସେହି ସଂକଟପୂର୍ଣ୍ଣ ପରିସ୍ଥିତିରେ ଯେଉଁ ବରପୁତ୍ରମାନେ ଓଡ଼ିଶାକୁ ଗୌରବାନ୍ୱିତ କରି ଉତ୍କଳମାତାର କୋଳମଣ୍ଡନ କରିଥିଲେ ସେମାନଙ୍କ ମଧ୍ୟରେ ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଅନ୍ୟତମ ବରପୁତ୍ର । ସେହିଁ ଥିଲେ ଏକମାତ୍ର ଉତ୍କଳୀୟ ଯିଏ ନିଜର ଧନ, ମାନ, ଯଶ, ସ୍ୱାର୍ଥ ଜଳାଞ୍ଜଳୀ ଦେଇ ସର୍ବହରା ହୋଇ ଜାତିର ସ୍ୱାର୍ଥପାଇଁ ସବୁକିଛି ଉତ୍ସର୍ଗ କରିଦେଇଥିଲେ । ସେହିଁ ଥିଲେ ଏ ଜାତିର କୁଳବୃଦ୍ଧ ମୁକୁଟବିହୀନ ସମ୍ରାଟ । ଯାହାଙ୍କ ଆପ୍ରାଣ ପ୍ରଚେଷ୍ଟାରେ ଅଦମ୍ୟ ଅଭିପ୍ସା ଅନାହତ ତପସ୍ୟାରେ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ ଦିନେ ସମ୍ଭବ ହୋଇଥିଲା, ତାଙ୍କରି ତପସ୍ୟା ହିଁ ଗୋଟିଏ ଦଳିତ ଜାତି ସେଦିନ ନିଜ ସ୍ୱାଭମାନକୁ ରକ୍ଷାକରି ନିବୃ ସ୍ୱପ୍ନକୁ ସାକାର କରିଥିଲା । ବରପୁତ୍ର ମଧୁବାବୁ ଜନ୍ମ ହୋଇଥିଲେ ୧୮୪୮ ମସିହା ଅପ୍ରେଲ ମାସ ୨୮ ତାରିଖ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଏକ ଐତିହ ସମ୍ପନ୍ନ ପରିବାରରେ । ବାଲ୍ୟକାଳରେ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇ ଉଚ୍ଚଶିକ୍ଷାରୁ ବ ିତ ହୋଇ ସେ ବାଲେଶ୍ୱର ଜିଲ୍ଲାସ୍କୁଲରେ ଶିକ୍ଷକତା କରିଥିଲେ । ପରେ କଲିକତା ବିଶ୍‌ବବିଦ୍ୟାଳୟରୁ ବି.ଏ. ଏବଂ ତାପରେ ଏମ୍. ଏ. ପାସ୍ କରିଥିଲେ । ପୁଣି ଆଇନ୍‌ଶିକ୍ଷା ଲାଭକରି ଆଲିପୁର ତଳ କୋର୍ଟରେ ଜଣେ ଆଇନଜୀବୀ ଭାବେ ନିଯୁକ୍ତି ମଧ୍ୟ ପାଇଥିଲେ । କିନ୍ତୁ ଓଡ଼ିଶାର ଉନ୍ନତି ପାଇଁ ନିଜ ମାଟି ଓ ଭାଷାର ଉନ୍ନତି ପାଇଁ ସେ ଓଡ଼ିଶା ଫେରି ଆସିଥିଲେ । ଏଇଠୁ ଆରମ୍ଭ ହୋଇଥିଲା ତାଙ୍କର ଜାତୀୟ ଜୀବନ । ଓଡ଼ିଶାର ମାଟି, ପାଣି, ପବନ ସତେ ଯେମିତି ମଧୁବାବୁଙ୍କୁ ଝୁରୁଥିଲା । ଦୀର୍ଘ ତିନିଶହ ବର୍ଷଧରି ବିଦେଶ ଲୁଣ୍ଠନ ଭିତରେ ଉତ୍କଳ ଯେତେବେଳେ ତାର ଅସ୍ତିତ୍ୱ ହରାଇ ବସିଥିଲା ଭୌଗୋଳିକ ସ୍ଥିତି ମଧ୍ୟ ଛିନ୍ନ ବିଚ୍ଛିନ୍ନ ହୋଇ ଗଙ୍ଗାଠୁ ଗୋଦାବରୀ ପର୍ଯ୍ୟନ୍ତ ମାତ୍ର ତିନୋଟି ଜିଲ୍ଲାକୁ ନେଇ ଓଡ଼ିଶା ଗଠନ ହୋଇଥିଲା । ଯେଉଁ ଉତ୍କଳ ଦିନେ ନିଜର ନୌବାଣିଜ୍ୟ ପାଇଁ ଆନ୍ତର୍ଜାତୀୟ ସ୍ତରରେ ନିଜର ଖ୍ୟାତି ଅର୍ଜନ କରି ସମଗ୍ର ବିଶ୍ୱରେ ବନ୍ଦନୀୟ ଥିଲା ତାହାରି ତାମ୍ରଲିପ୍ତ ବନ୍ଦର ବଙ୍ଗଳାର ବୋଲି ବିଦେଶୀ ଐତିହାସିକମାନେ ଲେଖିଥିଲେ ତାର ଭାଷା ମଧ୍ୟ ବଙ୍ଗଳାର ଉପଭାଷା ବୋଲି ବଙ୍ଗୀୟ ଏବଂ ଇଂରେଜୀ ଶାସକ ମାନେ ଘୋଷଣା କଲେ । ଏହାଠାରୁ ବଳି ଲଜ୍ଜାକର ଘଟଣା କ'ଣ ଆଉ ଥାଇପାରେ ଉତ୍କଳୀୟ ମାନଙ୍କ ପାଇଁ । ଏହିଭଳି ଲାଞ୍ଛିତ, ଅପମାନିତ, ନିର୍ଯ୍ୟାତିତ ଓଡ଼ିଆ ଜାତିକୁ ଉଦ୍ଧାର କରିବା ପାଇଁ ଆପ୍ରାଣ ଚେଷ୍ଟା ଚଳାଇଥିଲେ ମଧୁବାବୁ । ଗୋଟିଏ ପଟେ ୧୮୬୬ର ନଅଙ୍କ ଦୁର୍ଭିକ୍ଷ ଅନ୍ୟପଟେ ଓଡ଼ିଆ ଭାଷା ଉପରେ ବଙ୍ଗୀୟ ମାନଙ୍କର ଅଭିସନ୍ଧିମୂଳକ ଆକ୍ରମଣ ଏହି ଦୁଇଟି ଘଟଣା ଓଡ଼ିଶାର ମେରୁଦଣ୍ଡକୁ ପୁରାପୁରି ଦୋହଲାଇ ଦେଇଥିଲା । କିନ୍ତୁ କର୍ମବୀର ବିଚକ୍ଷଣା ମଧୁବାବୁ ଏଥିରେ ଆଦୌ ବିଚଳିତ ହୋଇନଥିଲେ । ବରଂ ଚିରଶପଥ ନେଇଥିଲେ ଏହି ସୁପ୍ତଜାତିକୁ ଚିର ଜାଗ୍ରତ କରିବା ପାଇଁ । ଭାତୃତ୍ୱ ବନ୍ଧନକୁ ସୁଦୃଢ଼ କରି, ଜାତୀୟ ଐକ୍ୟ ପ୍ରତିଷ୍ଠା କରି ସର୍ବପରି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାପାଇଁ



ତାଙ୍କ ଜୀବନର ଯେପରି ବ୍ରତ ପାଲଟି ଯାଇଥିଲା । କେବଳ ବ୍ରତ ପାଲଟି ନଥିଲା ସେଥିରେ ଓଡ଼ିଆଜାତିର ପ୍ରଥମ ଏମ୍.ଏ. ଓକିଲ, ଇଉରୋପ ପରିଦର୍ଶନରେ ପ୍ରଥମ ଓଡ଼ିଆ ମନ୍ତ୍ରୀ ଓ ମନ୍ତ୍ରୀତ୍ୱ ତ୍ୟାଗ କରିବାରେ ପ୍ରଥମ ଭାରତୀୟ ଏବଂ ପ୍ରଥମ ଓଡ଼ିଆ ସଭ୍ୟ ପ୍ରାଦେଶିକ ବ୍ୟବସ୍ଥାପକ ସଭାରେ ।

ଯେତେବେଳେ ଓଡ଼ିଆଙ୍କ ପେଟରେ ଦାନା ମୁଠାଏ ନାହିଁ କି ଦେହପାଇଁ କନା ଖଣ୍ଡିଏ ନାହିଁ; ସେଠି ଭାତୃଭାବ, ଐକ୍ୟଭାବ ସୃଷ୍ଟିକରି ଉତ୍କଳୀୟଙ୍କ ବୌଦ୍ଧିକ ଚିନ୍ତା ଏବଂ କର୍ମପ୍ରବଣତାକୁ ଜାଗ୍ରତ କରି ରାଜନୈତିକ କ୍ଷେତ୍ରରେ ନବଜାଗରଣ ସୃଷ୍ଟି କରି ରାଜ୍ୟରେ ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ପରିବ ର୍ତ୍ତନ ଆଣିବା ନିହାତି କଷ୍ଟକର ବ୍ୟାପାର । କିନ୍ତୁ ଏସବୁ ସମ୍ଭବ ହୋଇଥିଲା କେବଳ ମଧୁବାବୁଙ୍କ ଆପ୍ରାଣ ଉଦ୍ୟମ ପାଇଁ । ଓଡ଼ିଆ ଜାତିକୁ ଶିଳ୍ପ, ବାଣିଜ୍ୟ, କୃଷି, ଶିକ୍ଷା, ରାଜନୀତି, କଳା, ସାହିତ୍ୟ ଆଦି କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରି ଉତ୍କଳକୁ ସମୃଦ୍ଧ କରିବାର ଇଚ୍ଛାହିଁ ତାଙ୍କୁ ମହ ର କରିଥିଲା । ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣ ପାଇଁ ୧୯୦୩ ମସିହାରେ ସେ ଗଢ଼ିଥିଲେ ଉତ୍କଳ ସମ୍ମିଳନୀ ଯାହା ଆଜି ମଧ୍ୟ କାର୍ଯ୍ୟ ଯାରି ରଖିଛି ।

ଜାତୀୟ ଜୀବନ, ନାରୀଶିକ୍ଷା, ଦେଶମିଶ୍ରଣ, ଶିଳ୍ପ ବିକାଶ, ଶ୍ରମମର୍ଯ୍ୟାଦା ଆଦି ବିଭିନ୍ନ କ୍ଷେତ୍ରରେ ତାଙ୍କର କୃତି ଥିଲା ଅତୁଳନୀୟ । ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର କୃତି ଥିଲା ଅଭିନନ୍ଦନୀୟ । ଯାହାର ସଫଳ ପ୍ରତିଫଳନ ଥିଲା ତାଙ୍କର କବିତା ଉତ୍କଳ ସନ୍ତାନର ଭକ୍ତି, ସନ୍ତାନର ଉକ୍ତି, ସମ୍ମିଳନୀ ଜାତି ଇତିହାସ । ୧୯୧୭ ମସିହାରେ ମଧୁବାବୁ ଓଡ଼ିଆ ନାମକ ଏକ ଇଂରାଜୀ ପତ୍ରିକା ପ୍ରକାଶ କଲେ । ଏହି ପତ୍ରିକାରେ ସେ ଓଡ଼ିଆଙ୍କର ଜେରୁଜେଲମ୍, ପ୍ୟାରିମୋହନ ଶ୍ରାଦ୍ଧ ଦିବସ, ଯୁଦ୍ଧହିଁ ବ୍ୟବସାୟ ଓ ବ୍ୟବସାୟ ହିଁ ଯୁଦ୍ଧ, ଅର୍ଥନୀତିର ଜାଗରଣ ଆଦି ଅନେକ ପ୍ରବନ୍ଧ ଲେଖି ଓଡ଼ିଆ ଜାତିକୁ ବିଶ୍ୱଦରବାରରେ ଚିହ୍ନାଇଥିଲେ । ମଧୁବାବୁ ବିଲାତ ଯାତ୍ରା କଲାବେଳେ ସୁଏଜ୍ କେନାଲ ପାଖରେ ଜେରୁଜେଲମ୍ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରି ଯାତ୍ରୀମାନଙ୍କୁ କହିଥିଲେ ଏଠାରେ ସିନା ମାଉ ସେନାଇ ଦେଖୁଛନ୍ତି ଯେଉଁଠି ସେ ଦଶଟି ଆଦେଶ ଦେଇଥିଲେ । ମୋ ଦେଶର ସମୁଦ୍ର କୂଳେ କିନ୍ତୁ ଗୋଟାଏ ନିଳାଚଳ ପାହାଡ଼ ଅଛି । ସେଠାରେ କିନ୍ତୁ ଭଗବାନ ଗୋଟିଏ ଆଦେଶ ଦେଇଛନ୍ତି ତାହା ହେଲା ସାର୍ବଜନୀନ ଭାତୃତ୍ୱ । ଅର୍ଥାତ୍ ଆମେ ସମସ୍ତେ ଭାଇଭାଇ । ସମସ୍ତେ ସମାନ । ତାଙ୍କର ସେହି ପାଣ୍ଡିତ୍ୟ ଏବଂ ଦୂରଦୃଷ୍ଟି, କାର୍ଯ୍ୟଦକ୍ଷତା ତତ୍‌କାଳନୀ ଓଡ଼ିଶାକୁ ପଚାଶ ବର୍ଷ ଆଗେଇ ନେଇଥିଲା । ସେ ଯେ କେବଳ କର୍ମବୀର ଥିଲେ ତା'ନୁହେଁ ବରଂ ଓଡ଼ିଆ ଜାତିର ଓଡ଼ିଆ ଭାଷାର ସଂସ୍କୃତିର ଚିର ସ୍ୱାଭିମାନର ପ୍ରତୀକ ଥିଲେ । ଗାନ୍ଧିଜୀଙ୍କ ପ୍ରେରଣାନୁସାରେ କୃଷକକୁ ତାର ଜମି ଉପରେ ଅଧିକାର ଦେବା, ସେମାନଙ୍କ ଆର୍ଥିକ ଉନ୍ନତି ଆଣିବା, କୃଷି ସହିତ ଶିଳ୍ପର ବିକାଶ, କଟକରେ ସୁନାରୁପାର ତାରକସି କାର୍ଯ୍ୟର ପ୍ରଚାର ପ୍ରସାର, ଚମଡ଼ା ଶିଳ୍ପର ବିକାଶ, କୁଟୀର ଶିଳ୍ପର ବିକାଶ କରି ସମଗ୍ର ପୃଥିବୀର ଦୃଷ୍ଟି ଆକର୍ଷଣ କରିଥିଲେ ମଧୁବାବୁ । ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ କମ୍ ଗର୍ବ ଏବଂ ଗୌରବର କଥା ନୁହେଁ । କେବଳ ଏତିକି ନୁହେଁ ଓଡ଼ିଶାରେ ନାରୀଶିକ୍ଷାର ପ୍ରସାର ପାଇଁ ଏବଂ ନାରୀମାନଙ୍କୁ ରାଜନୈତିକ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ୧୯୦୪ ମସିହାରେ ଇଂରେଜ ସରକାର ମଧୁବାବୁଙ୍କୁ ସି.ଆଇ.ଇ ଅର୍ଥାତ୍ Companion of Indian Empire ଭାରତୀୟ ସାମ୍ରାଜ୍ଞୀର ବାନ୍ଧବ ଉପାଧିରେ ଭୂଷିତ କରିଥିଲେ । ୧୯୨୧ରେ ସେ ରାଜନୀତିରୁ ଦୂରେଇଯାଇ ଉତ୍କଳ କୁଳବୃଦ୍ଧ ଭାବରେ ପରିଚିତ ହେଲେ । ୧୯୩୪ ମସିହା ଫେବୃୟାରୀ ମାସ ୪ ତାରିଖରେ ମଧୁବାବୁ ଚିରନିଦ୍ରାରେ ଗଲେ ସତ ମାତ୍ର ତାଙ୍କର ବାଣୀ ଏବେ ମଧ୍ୟ ଆମ ଜାତୀୟ ଜୀବନର ବୀଜମନ୍ତ୍ର ହୋଇ ରହିଛି । ତାଙ୍କର ଜାତି ଉଦ୍ଦେଶ୍ୟରେ ସେହି କବିତାଟି ଆଜି ମଧ୍ୟ ଜନମାନସରେ ଆନ୍ଦୋଳିତ ହେଉଛି-

"ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି
ସ୍ୱାର୍ଥ ମେଧ ଯଜ୍ଞେ
ଚାରିଆଡ଼େ ନାଚ
ଛାତିକି ମିଶାଇ ଛାତି ।"

ମହାପୁରୁଷଙ୍କର ତପସ୍ୟା କେବେ ବ୍ୟର୍ଥ ହୁଏନି । ଯାହାର ବଳିଷ୍ଠ ପ୍ରମାଣ ହେଉଛି ୧୯୩୬ ମସିହା ଏପ୍ରିଲ ୧ ତାରିଖ ଯେଉଁଦିନ ଓଡ଼ିଶା ସ୍ୱତନ୍ତ୍ରତା ଲାଭ କଲା ।

ଆମେ ପ୍ରତ୍ୟେକ ଉତ୍କଳୀୟ ଯଦି ଚରି ସ୍ୱାଭିମାନୀ ଓ ନିସ୍ୱାର୍ଥପର ହୋଇ ଆତ୍ମବଳ ଯୁକ୍ତ ହୋଇ ଜାତି ଓ ଭାଷାର ସୁରକ୍ଷାପାଇଁ ନିରବିଚ୍ଛିନ୍ନ ଭାବେ କାର୍ଯ୍ୟ ଜାରି ରଖିବା ତେବେ ତାହାହିଁ ହେବ ମଧୁବାବୁଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି ।

ରଘୁନାଥଜିଉ ମହାବିଦ୍ୟାଳୟ,
ଦେଉଳସାହି, କଟକ ।
ମୋ-୯୮୫୩୩୫୦୩୮୪

ମହାତ୍ମା ମାଘ

ଶିବ ପ୍ରସାଦ ବାହିନୀପତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶ୍ରୀ ଗରୁଡ଼ ପୁରାଣରେ ମାଘ ଶୁକ୍ଳ ଏକାଦଶୀ ତିଥିକୁ ଭୌମୀ ଏକାଦଶୀ ବୋଲି କଥିତ ଅଛି ; ବିଭିନ୍ନ ପୁରାଣରେ ଏହାର ନାମାନ୍ତର ପରିଦୃଷ୍ଟ । ଶ୍ରୀ ପଦ୍ମ ପୁରାଣରେ ଜ୍ୟେଷ୍ଠ ମାସର ଶୁକ୍ଳ ଏକାଦଶୀ ପାଣ୍ଡବ ନିର୍ଜଳା ବା ଭୀମସେନ (ଭୌମୀ) ଏକାଦଶୀ । ଯିଏ ଶାରୀରିକ ଅସାମର୍ଥ୍ୟ ହେତୁ ବର୍ଷକୁ ମାତ୍ର ଚାରୋଟି ଶୟନ, ପାର୍ଶ୍ୱ, ଉତ୍ଥାନ ଓ ଭୌମୀ ଏକାଦଶୀ ପାଳନ କରନ୍ତି, ସେମାନେ ମାଘ ବଦଳରେ ଜ୍ୟେଷ୍ଠ ମାସର ପାଣ୍ଡବ ନିର୍ଜଳା ବା ଭୌମୀ ଏକାଦଶୀ ବ୍ରତ ଓପାସ କରିବେ । ପଦ୍ମ ପୁରାଣ କହେ ମାଘମାସ ଶୁକ୍ଳପକ୍ଷ ଏକାଦଶୀ ହେଉଛି 'ଜୟା ଏକାଦଶୀ' ଯାହା ସର୍ବପାପନାଶିନୀ, ସର୍ବଶ୍ରେଷ୍ଠା, ପବିତ୍ରା, କାମଦା ଓ ମୋକ୍ଷଦାୟିନୀ ଏବଂ ଏଥିରେ ବ୍ରହ୍ମହତ୍ୟା ପାପ ଓ ପିଶାଚ ବିନିଷ୍ଟ ହୁଏ ବୋଲି ଉକ୍ତ ପୁରାଣ ମତ । ଏ ବ୍ରତ କଲେ ମାନବ ପ୍ରେତତ୍ୱ ପ୍ରାପ୍ତ କରେ ନାହିଁ ବୋଲି ପୌରାଣିକ ମତ ; କୃଷ୍ଣ - ଯୁଧିଷ୍ଠିର ସମ୍ବାଦ (ପଦ୍ମ ପୁରାଣ)ରେ ଏହା ଲିପିବଦ୍ଧ । 'ଏକାଦଶୀ ମାହାତ୍ମ୍ୟ' ପ୍ରସଙ୍ଗ ପଠନ କଲେ ଏହାର ମହତ୍ତ୍ୱ ସ୍ପଷ୍ଟ ବାରିପାରିବେ । ମକର ସଂକ୍ରାନ୍ତି ଏହି ମାସର ବେଶ୍ ଆକର୍ଷଣ ।

ମକର ସଂକ୍ରାନ୍ତି ଓଡ଼ିଶାର ଏକ ପ୍ରଧାନ ପର୍ବ ; ନୂତନ ତଣ୍ଡୁଳରେ ସୁମିଷ୍ଟ ମକର ଚାଉଳ ପ୍ରସ୍ତୁତ ହୋଇ ଦେବତାଙ୍କ ପାଖରେ ଭୋଗ ହୁଏ ; ବହୁ ସ୍ଥାନରେ ମକର ମେଳା ବା ମକର ଯାତ୍ରା ଅନୁଷ୍ଠିତ ହୁଏ ଏବଂ ଏଦିନ ସୂର୍ଯ୍ୟଙ୍କର ଉତ୍ତରାୟଣ ବନ୍ଦାପନା କରାଯାଏ । କେହି କେହି ସୂର୍ଯ୍ୟଙ୍କୁ ତ କେହି କେହି ଶିବଶଙ୍କରଙ୍କୁ ମକର ସଂକ୍ରାନ୍ତିରେ ପୂଜା କରନ୍ତି । ସୂର୍ଯ୍ୟଙ୍କୁ ପୂଜା କରିବାର ଉଦ୍ଦେଶ୍ୟ ସେ ସକଳ ଶକ୍ତିର ଆଧାର ଏବଂ ଶିବଙ୍କୁ ପୂଜା କରିବାର ଉଦ୍ଦେଶ୍ୟ ସେ ମଙ୍ଗଳମୟ । ମକର ସଂକ୍ରାନ୍ତିରେ ଦେବାଳୟରେ ହୋମ କରି ମାସଟି ଭଲରେ କଟିବା ପାଇଁ ପ୍ରାର୍ଥନା କରନ୍ତି ସମସ୍ତେ ପ୍ରାୟ ; ଏଦିନ ଗ୍ରହରିଷ୍ଟ ଖଣ୍ଡନାର୍ଥେ ପୂଜା-ହୋମର ବିଧାନ ବି ଅଛି । ଲୋକବିଶ୍ୱାସନୁଯାୟୀ ଲୋକମାନେ ମକର ସଂକ୍ରାନ୍ତିରେ ପ୍ରାତଃସ୍ନାନ ପରେ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଯେଉଁ ଦାନ-ଧର୍ମ ଆଚରନ୍ତି, ତାହା ସୂର୍ଯ୍ୟଦେବ ପରଜନ୍ମରେ ଦାତାଙ୍କୁ ପ୍ରତ୍ୟାର୍ପଣ କରନ୍ତି । ପୌରାଣିକ ମତେ ରବି ସଂକ୍ରମଣ କାଳେ ଯେ' ସ୍ନାନ କରେ ନାହିଁ, ସେ ସାତ ଜନ୍ମ ବ୍ୟାପୀ ରୋଗ-ଦୁଃଖ ଭୋଗ କରେ । ଏହ

ସିନେମା ଓ ମନୋରଞ୍ଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି
୫ ଶୁକ୍ରବାର, ୪ ଫେବୃଆରୀ ୨୦୨୨

ରିୟାଲିଟି ସୋ' ଉପସ୍ଥାପିକା ହେବେ କଙ୍ଗନା

ବିଗ୍ ବସ୍-୧୫ର ବିଜୟିନୀ ଭାବେ ତେଜସ୍ୱୀ ପ୍ରକାଶ ଓ ପ୍ରଥମ ରନର୍ସଅପ୍ ଭାବେ ପ୍ରତୀକଙ୍କ ନାମ ଘୋଷଣା ପରେ ଗ୍ଲାମର୍ ଇଣ୍ଡଷ୍ଟ୍ରିରେ ଟହଲ ମାରୁଥିବା କଳାକାରଙ୍କ ଭିତରେ ପ୍ରମାଦ ଆରମ୍ଭ ହେଇଯାଇଛି । ତେବେ ଅମିତାଭ ବଚ୍ଚନ, ସଲମାନ୍ ଖାନ, କପିଲ୍ ଶର୍ମା ଓ ରୋହିତ ସେଟ୍ଟୀଙ୍କ ପରି ଚିହ୍ନା ଚେହେରାମାନେ ପୂର୍ବରୁ ଟେଲିଭିଜନ୍‌ରେ ରିୟାଲିଟି ସୋ' ଉପସ୍ଥାପନା କରୁଥିବା ବେଳେ ଅଭିନେତ୍ରୀ କଙ୍ଗନା ରାଣାୱତ ଅନୁରୂପ କାର୍ଯ୍ୟକ୍ରମର ଉପସ୍ଥାପିକା ସାଜିବା ଏବେ ଚର୍ଚ୍ଚାର ବିଷୟ ହେଇଛି ।

ଏହି ରିୟାଲିଟି ସୋ' ପୁଣି ସବୁଠୁ ନିର୍ଭୀକ ସୋ' ବୋଲି କୁହାଯାଉଛି । ଏଇ ସୋ'ର ପ୍ରଯୋଜିକା ହେଉଛନ୍ତି ଏକ୍ତା କପୁର । ଡିଜିଟାଲ ମଞ୍ଚ(ଓଟିଟି)ରେ ପ୍ରସାରିତ ହେବାକୁଥିବା ଏହି ରିୟାଲିଟି ସୋ' କୁଆଡ଼େ ବିଗ୍ ବସ୍ ସହ ସମକକ୍ଷ ହେବ ବୋଲି ଶୁଣାଯାଉଛି । ଆଠରୁ ଦଶ ସପ୍ତାହ ମଧ୍ୟରେ ପ୍ରତିଯୋଗୀମାନଙ୍କ ଆବେଦନ କରିବା ଏବଂ ମନୋନୀତ ହେବାର ପ୍ରକ୍ରିୟା ଶେଷ ହେବ ବୋଲି ଜଣାପଡ଼ିଛି । ଏହି ସୋ' ଅଲ୍ଟ ବାଲାଜୀ ଓ ଏମଏକ୍ସ ପ୍ଲେୟାର ମାଧ୍ୟମରେ ଦର୍ଶକ ଦେଖିପାରିବେ ।

ହୋସ୍ ଉଡାଇଲେ ଉର୍ବଶୀ, ପିନ୍ଧିଲେ ୪୦ କୋଟିର ଡ୍ରେସ୍

ବଲିଉଡ ଅଭିନେତ୍ରୀ ଉର୍ବଶୀ ରାଉତେଲା । ସର୍ବଦା ନିଜ ଗ୍ଲାମରସ ଲୁକ୍ ଆଉ ଅନ୍ଦାଜରେ ସମସ୍ତଙ୍କୁ କରନ୍ତି ଦିୱାନା । ତାଙ୍କ ଲୁକ୍ ଦେଖି ଫ୍ୟାନମାନଙ୍କ ହୋସ ଉଡିଯାଏ । ସେ ଫ୍ୟାଶନ୍ ୱାର୍ଲ୍ଡରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଫିଲ୍ମରେ ଏତେଟା ସଫଳ ହୋଇନଥିବା ଉର୍ବଶୀ ଫ୍ୟାଶନ୍ ୱାର୍ଲ୍ଡରେ କିନ୍ତୁ ବେଶ୍ ସଫଳତା ହାସଲ କରିଛନ୍ତି । ତାଙ୍କୁ ପ୍ରାୟତଃ ଭିନ୍ନ ଭିନ୍ନ ଫ୍ୟାଶନ୍ ଶୋ'ରେ କେତେବେଳେ ଜଜ୍ ରୂପେ ନଜର ଆସନ୍ତି ତ ଆଉ କେତେବେଳେ ଶୋ' ଟପର ରୂପେ । ନିକଟରେ ଏଭଳି ହିଁ ଏକ ଅରବ ଫ୍ୟାଶନ୍ ୱିକ୍‌ରେ ତାଙ୍କୁ ଦେଖିବାକୁ ମିଳିଛି । ଏଠାରେ ତାଙ୍କୁ ଲକ୍ ଦେଖି ସମସ୍ତ ହୋସ୍ ଉଡିଯାଇଛି । ଅରବ ଫ୍ୟାଶନ ଶୋ'ରେ ରାମ୍ପ ୱାକ୍ କରିଛନ୍ତି ଉର୍ବଶୀ । ପ୍ରଥମ ଭାରତୀୟ ମହିଳା ରୂପେ ଉର୍ବଶୀ ଏହି ଶୋ'ରେ ଦୁଇ ଥର ସାମିଲ ହୋଇ ସାରିଲେଣି । ତେବେ ଏହି ଫ୍ୟାଶନ ଶୋ'ରେ ସବୁଠାରୁ ମୁଖ୍ୟ ଥିଲା ଉର୍ବଶୀଙ୍କୁ ଡ୍ରେସ୍ ଓ ତାଙ୍କ ଲୁକ୍ । ୪୦ କୋଟି ଟଙ୍କାର ଡ୍ରେସ ପିନ୍ଧି ରାମ୍ପ ୱାକ୍ କରିଥିଲେ ଉର୍ବଶୀ ।

ଉର୍ବଶୀ ପିନ୍ଧିଥିବା ଏହି ୪୦ କୋଟିର ରୟାଲ ଆଉଟଫିଟ୍‌ରୁ ସୁନା ଓ ହୀରା ତିଆରି । ଡ୍ରେସ୍‌ରେ ସୁନାର ଚେନ୍ ଝୁଲି ରହିଥିବା ବେଳେ ହୀରା ଖଚିତ ହୋଇଛି । ତେବେ ସବୁଠାରୁ ଆକର୍ଷଣୀୟ ଥିଲା ଉର୍ବଶୀ ନିଜ ମୁଣ୍ଡ ପିନ୍ଧିଥିବା ମୁକୁଟ । ଏହା ମଧ୍ୟ ପୁରା ସୁନାରେ ତିଆରି । ଏହି ହାଇ ସ୍ଲିଟ୍ ଗୋଲ୍ଡେନ୍ ଗାଉନ୍‌କୁ ଫର୍ଣ୍ଣେ ୱିନ୍ ଅମାଟୋ ଡିଜାଇନ୍ କରିଥିଲେ । ଏହାପୂର୍ବରୁ ଓମେଟା ପ୍ରସିଦ୍ଧ ହଲିଉଡ ପପ୍ ଗାୟିକା ବିୟୋନ୍ସେ, ଜେନିଫର ଲୋପେଜ୍‌ଙ୍କ ପାଇଁ ମଧ୍ୟ ଡ୍ରେସ୍ ଡିଜାଇନ୍ କରିସାରିଛନ୍ତି ।

ଗାୟିକାରୁ ନାୟିକା 'ସୋଫି ଚୌଦ୍ରୀ'

କଳା ଓ ସଂସ୍କୃତିର କ୍ଷେତ୍ର ଭାରତବର୍ଷ ପ୍ରତି ଅନେକ ବିଦେଶୀ କଳାକାର ଆକୃଷ୍ଟ ହୋଇ ଏଠାରେ ନିଜର ଜୀବିକା ନିର୍ବାହ କରିବାକୁ ପସନ୍ଦ କରି ଆସିଛନ୍ତି । ଏପରିକି ଭାରତୀୟ ଦର୍ଶକଙ୍କ ଚାହିଦା ପୂରଣ ପାଇଁ କେହି କେହି ସଂଗୀତରୁ ଅଭିନୟକୁ ନିଜର ପେସା ବଦଳାଇଛନ୍ତି ଯେ କେହି କେହି ବିପରୀତ ପନ୍ଥା ମଧ୍ୟ ଅବଲମ୍ବନ କରିଛନ୍ତି । ସେହି କ୍ରମରେ ମଡେଲ, ଟେଲିଭିଜନ ଉପସ୍ଥାପିକା, କଣ୍ଠଶିଳ୍ପୀ ତଥା ଅଭିନେତ୍ରୀ ସୋଫି ଚୌଦ୍ରୀଙ୍କ ଜୀବନଯାତ୍ରା ବେଶ୍ ରୋଚକପୂର୍ଣ୍ଣ ହୋଇପାରିଛି । ପ୍ରଥମେ ଟିଭି ଉପସ୍ଥାପିକା ଭାବେ ରଙ୍ଗିନ୍ ଦୁନିଆରେ ନିଜର ପେସାଗତ ଜୀବନ ଆରମ୍ଭ କରିଥିବା ସୋଫି ପରେ କିଛୁ ହିନ୍ଦୀ ସମେତ ଅନ୍ୟାନ୍ୟ ଭାରତୀୟ ଭାଷାର ସିନେମାରେ ନିଜର ଭାଗ୍ୟ ପରୀକ୍ଷା କରି ଶେଷରେ କଣ୍ଠଶିଳ୍ପୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ଇଂଲାଣ୍ଡର ମାଞ୍ଚେଷ୍ଟରରେ ୧୯୮୩ ଫେବ୍ରୁଆରି ୮ରେ ଜନ୍ମିତ ସୋଫି ୟୁରୋପୀୟ ରାଜନୀତିରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି । ସେହିପରି ସଂଗୀତ ଓ ଅଭିନୟ କଳା ପାଠ୍ୟକ୍ରମରେ ସେ ମଧ୍ୟ ଜଣେ ସ୍ୱର୍ଣ୍ଣପଦକ ବିଜୟିନୀ । ଏଥି ସହିତ ସେ ପାଶ୍ଚାତ୍ୟ ନୃତ୍ୟ ସାଲସା ସମେତ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଭାରତନାଟ୍ୟମ୍‌ର ମଧ୍ୟ ଜଣେ ପ୍ରଶିକ୍ଷିତ ନୃତ୍ୟାଙ୍ଗନା । ବିଗତ ନବେ ଦଶକର ଶେଷ ଭାଗ ଆଡ଼କୁ ନିଜର ଅଧ୍ୟୟନ ବେଳେ ସେ 'ଜୀ ୟୁକେ'ର ଜଣେ ଭିଡିଓ ଜକି ଭାବରେ ପେସା ଆରମ୍ଭ କରିଥିଲେ । କିଛି ବର୍ଷ ସେ ଏହି ଅଭିଜ୍ଞତା ହାସଲ କରି ୨୦୦୦ରେ ସଂଗୀତ କ୍ଷେତ୍ରକୁ ଆପଣେଇ ଜଣେ ପପ୍ ଗାୟିକାର ଭୂମିକା ନିଭାଇଥିଲେ । କେବଳ ମହିଳା କଳାକାରଙ୍କୁ ନେଇ ସେ ଗଢ଼ିଥିବା 'ସଂସ୍କାର' ନାମକ ସଂଗୀତ ଦଳକୁ ଧରି 'ୟେ ଦିଲ୍ ସୁନ୍ ରହା ହୈ' ଓ 'ହବିବି' ପରି ଦୁଇଟି ସଂଗୀତ ଆଲବମ୍ ଛାଡ଼ିଥିଲେ । ଏହାପରେ ସେ ଏକକ କଣ୍ଠଶିଳ୍ପୀ ଭାବରେ ଉଭା ହୋଇଥିଲେ । ତେବେ ୨୦୦୩ରେ ସେ ଭାରତ ଚାଲି ଆସି ଏମ୍‌ଟିଭି ଇଣ୍ଡିଆର ଲୋକପ୍ରିୟ ଧାରାବାହିକ 'ଏମ୍‌ଟିଭି ଲଭ୍‌ଲାଇନ୍'ର ଉପସ୍ଥାପିକା ସାଜି ଆଶାତୀତ ଲୋକପ୍ରିୟତା ସାଉଁଟିଥିଲେ । ଏହି ଅବସରରେ ତାଙ୍କର ସଂଗୀତ ଆଲବମ୍ 'ବେବି ଲଭ୍' ମଧ୍ୟ ଯଥେଷ୍ଟ ଦର୍ଶକୀୟ ସ୍ୱୀକୃତି ଆଣିଦେଇଥିଲା । ଏଭଳି ଟିଭି ଉପସ୍ଥାପିକା ଓ ଗାୟିକା ଭାବରେ ବାରମ୍ବାର ଜୀବିକା ବଦଳାଇ ସେ ୨୦୦୫ରେ ହିନ୍ଦୀ ଫିଲ୍ମ 'ସାଦି ନଂ ୧'ରେ ନିଜର ନାୟିକା ଭାଗ୍ୟ ପରୀକ୍ଷା କରିଥିଲେ । ଏହାପରେ ତାଙ୍କର ଦ୍ୱିତୀୟ ସିନେମା 'ପ୍ୟାର କେ ସାଇଡ୍ ଇଫେକ୍ଟ'ରେ ତାଙ୍କୁ ଅପାର ଲୋକପ୍ରିୟତା ମିଳିଥିଲା । ଏପରି ଭାବରେ ୭ଟି ହିନ୍ଦୀ ସିନେମା କରି ୨୦୧୧ରେ ସେ ତାମିଲ ସିନେମା 'ବେଦି'ରେ ପ୍ରଥମ ପଦାର୍ପଣ କରିଥିଲେ । ସେହିପରି ୨୦୧୪ରେ ତେଲୁଗୁ ଫିଲ୍ମ '୧ : ନେନୋକ୍କାଦିନ୍'ର 'ଲଣ୍ଡନ ବାବୁ' ଗୀତର ଏକ ବିଶେଷ ଭୂମିକାରେ ମଧ୍ୟ ନିଜକୁ ପରଖିଥିଲେ । ତେବେ ଅଭିନୟରେ ସେଭଳି ଚମକ ଆଣିପାରିନଥିବା ସୋଫି ପୁଣି ଥରେ ସଂଗୀତ ଆଲବମ୍ ଜଗତ୍‌କୁ ଫେରି ଆସି ଅଧ୍ୟବସାୟ ଜାରି ରଖିଛନ୍ତି । ସେହିପରି ବାସ୍ତବଧର୍ମୀ ଟିଭି ଧାରାବାହିକ 'ଝଲକ ଦିଖଲା ଯା-୭' ଓ 'ବିଗ୍ ବସ୍-୮'ରେ ମଧ୍ୟ ସେ ଜଣେ ପ୍ରତିଯୋଗୀ ଭାବେ ନିଜକୁ ଉପସ୍ଥାପିତ କରିଥିଲେ । ତାଙ୍କର ଏହି କଳାକାର ଜୀବନର ଏପରି ପରିବର୍ତ୍ତନଶୀଳ କଙ୍କଳ ଯାତ୍ରାରେ ସୋଫିଙ୍କୁ ୨୦୦୧ରେ ଶ୍ରେଷ୍ଠ ନବାଗତା ଭାବେ ୟୁକେ ଏସୀୟ ପପ୍ ସମ୍ମାନ, ୨୦୦୪ରେ ସଂଗୀତର ଶ୍ରେଷ୍ଠ ମନୋରମା ମହିଳା ଭାବେ ଲିକ୍ରା ଏମ୍‌ଟିଭି ଷ୍ଟାଇଲ୍ ସମ୍ମାନ ଓ ୨୦୦୫ରେ ବଲିଉଡ୍ ସଂଗୀତ ସମ୍ମାନ ମିଳିଛି ।

ଏକ ଚାନ୍ଦ କରେ ଆକାଶ ଆଲୁଅ

ଯେମିତି ଅନ୍ଧାର ରାତିରେ ଆକାଶର କୋଟି କୋଟି ତାରାଙ୍କର ଜ୍ୟୋତି ନିଷ୍ପ୍ରଭ ଲାଗୁଥିଲା ବେଳେ ଏକମାତ୍ର ଚନ୍ଦ୍ରର ଜୋଛନା ହିଁ ଚଉଦିଗ ଉଜ୍ଜ୍ୱଳ କରିଦେଇଥାଏ, ସେମିତି ସଂଖ୍ୟାର ବହୁଳତା ଅପେକ୍ଷା ସ୍ୱଳ୍ପ ଗୁଣମାନ ହିଁ ଜଣକୁ ପ୍ରସିଦ୍ଧି ଯୋଗାଇଥାଏ । ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଜି ଟିଭିର ସବୁଠୁ ଲୋକପ୍ରିୟ ପାରିବାରିକ ଧାରାବାହିକ 'ପବିତ୍ର ରିସ୍ତା'ର ନାୟିକା ଅଙ୍କିତା ଲୋଖଣ୍ଡେ । ସେହି ଗୋଟିକ ଧାରାବାହିକ ତାଙ୍କ ପାଇଁ ସାତ ସାତଟା ଜାତୀୟ ସ୍ତରୀୟ ପୁରସ୍କାର ଆଣିଦେବା ସହ ଘରେ ଘରେ ତାଙ୍କୁ ଏକ ପରିଚିତ ମୁହଁର ମାନ୍ୟତା ମଧ୍ୟ ଯୋଡ଼ିଦେଇଛି । ମଧ୍ୟପ୍ରଦେଶର ଇନ୍ଦୋର ଠାରେ ୧୯୮୪ ଡିସେମ୍ବର ୧୯ରେ ଜଣେ ସାମ୍ବାଦିକ ପିତା ଓ ଶିକ୍ଷୟିତ୍ରୀ ମାତାଙ୍କ କୋଳ ମଣ୍ଡନ କରିଥିବା ଅଙ୍କିତା ଶିକ୍ଷାରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି । ତେବେ ଅଭିନୟ କଳାରେ ଜୀବନ ଗଢ଼ିବା ପାଇଁ ସେ କଲେଜ ଶିକ୍ଷା ପରେ ପରେ ୨୦୦୫ ମସିହାରେ ମୁମ୍ବାଇ ଚାଲି ଆସିଥିଲେ । ସୌଭାଗ୍ୟକୁ ସେ 'ଇଣ୍ଡିଆଜ୍ ସିନେଷ୍ଟାର'ସ କି ଖୋଜ୍'ରେ ଭାଗ ନେଇ ଟେଲି ପ୍ରଯୋଜିକା ଏକତା କପୂରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ୨୦୦୯ରେ ଏକତାଙ୍କ ଧାରାବାହିକ 'ପବିତ୍ର ରିସ୍ତା'ର ନାୟକ ସୁଶାନ୍ତ ସିଂହ ରାଜପୁତଙ୍କ ସହ ଅଙ୍କିତାଙ୍କ ଯୋଡ଼ି ବେଶ ଚହଳ ପକାଇଦେଇଥିଲା । ଅର୍ଚ୍ଚନା ଚରିତ୍ରରେ ସେଥିରୁ ଆଶାତୀତ ଲୋକପ୍ରିୟତା ହାସଲ କରି ସେ ୨୦୧୪ ମସିହା ଯାଏ ସେଥିରେ ନିଜର ପ୍ରତିଷ୍ଠା ବଜାୟ ରଖିବା ସହ ୨୦୧୧ରେ 'ଝଲକ ଦିଖଲା ଯା-ସିଜନ୍ ୪' ଏବଂ ୨୦୧୩ରେ ଅନ୍ୟତମ ଟେଲି ଧାରାବାହିକ 'କମେଡ଼ି ସର୍କସ'ରେ ମଧ୍ୟ ଯୋଗଦେଇଥିଲେ । ଏହାପରେ ଦୀର୍ଘ ୪ ବର୍ଷ କାଳ ଅଭିନୟ କ୍ଷେତ୍ରରୁ ଦୂରେଇ ରହି ଅଙ୍କିତା ୨୦୧୮ରେ ହିନ୍ଦୀ ସିନେମା 'ମଣିକର୍ଣ୍ଣିକା : ଦି କ୍ୱିନ୍ ଅଫ୍ ଝାନ୍‌ସି'ରେ ଏକ ପ୍ରଭାବୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ଏହାପରେ ତାଙ୍କର ଦ୍ୱିତୀୟ ହିନ୍ଦୀ ଫିଲ୍ମ 'ବାଗି-୩'ରେ ମଧ୍ୟ ତାଙ୍କ ଅଭିନୟକୁ ଦର୍ଶକ ଖୁବ୍ ତାରିଫ କରିଥିଲେ । ତେବେ ସିନେମାରେ ତାଙ୍କୁ ସେଭଳି ଆତ୍ମସନ୍ତୋଷ ମିଳିପାରିନଥିବାରୁ ଗତବର୍ଷ ସେ ୱେବ୍ ସିରିଜ୍ 'ପବିତ୍ର ରିସ୍ତା-୨'ରେ ପୁଣି ନିଜର ପୁରୁଣା ଚମକ ଦେଖାଇବାକୁ ଚେଷ୍ଟା କରିଛନ୍ତି । ତେବେ 'ପବିତ୍ର ରିସ୍ତା' ହିଁ ତାଙ୍କୁ ଜଣେ ସର୍ବାଧିକ ପାଉଣା ପାଉଥିବା ଟେଲିଭିଜନ ତାରକା ଭାବେ ଗଢ଼ି ତୋଳିବା ସହ ଏଥିପାଇଁ ତାଙ୍କୁ ୨୦୧୦ରେ ତୃତୀୟ ବୋରୋପ୍ଲସ୍ ଗୋଲ୍ଡ ସମ୍ମାନ, ଭାରତୀୟ ଟେଲିଭିଜନ୍ ଏକାଡେମି ସମ୍ମାନ, ୨୦୧୧ରେ

ଚତୁର୍ଥ ବୋରୋପ୍ଲସ୍ ଗୋଲ୍ଡ ସମ୍ମାନ, ଷ୍ଟାର ଗିଲ୍ଡ ସମ୍ମାନ, ୨୦୧୨ରେ ଭାରତୀୟ ଟେଲି ସମ୍ମାନ, ପଞ୍ଚମ ବୋରୋପ୍ଲସ୍ ସମ୍ମାନ ଏବଂ ୨୦୧୪ରେ ଷ୍ଟାର ଗିଲ୍ଡ ସମ୍ମାନ ଆଣିଦେଇଥିଲା । ତେବେ ଗତବର୍ଷ ଡିସେମ୍ବରରେ ବିବାହ କରିଥିବା ଅଙ୍କିତା ଏବେ ଘରସଂସାରରେ ମଗ୍ନ ଥିବାରୁ ପୁଣି କେବେ ଅଭିନୟ ଜଗତ୍‌କୁ ଫେରି ଆପ୍ୟାୟିତ କରିବେ ବୋଲି ପ୍ରଶଂସକମାନେ ଚାହିଁ ବସିଛନ୍ତି ।

ଶତ୍ରୁତା ଗୁଜବକୁ ଖଣ୍ଡନ କଲେ ରବୀନା

ରବୀନା ଟଣ୍ଡନ ୧୯୯୦ ଦଶକରେ ବଲିଉଡ୍‌ର ଶୀର୍ଷ ଅଭିନେତ୍ରୀଙ୍କ ମଧ୍ୟରେ ଗଣା ହେଉଥିଲେ । ସେତେବେଳେ ତାଙ୍କୁ ନେଇ ଯେଉଁ ପ୍ରସଙ୍ଗ

ସର୍ବାଧିକ ଚର୍ଚ୍ଚିତ ଥିଲା ତାହା ଥିଲା କାଜଲ, କରିଶ୍ମା କପୁର, ଶିଳ୍ପା ସେଟ୍ଟୀଙ୍କ ସହିତ ତାଙ୍କର ଶତ୍ରୁତା । କିନ୍ତୁ ନିକଟରେ ଏକ ସାକ୍ଷାତକାର ମାଧ୍ୟମରେ ଏସବୁ ଗୁଜବ ଥିଲା ବୋଲି ରବୀନା ସ୍ପଷ୍ଟ କରିଛନ୍ତି ।

ଶିଳ୍ପା ଓ କାଜଲଙ୍କ ସହିତ ସେ ଚଳଚ୍ଚିତ୍ର କରିଥିବାରୁ ସେମାନେ ଆରମ୍ଭରୁ ତାଙ୍କର ଭଲ ବନ୍ଧୁ ରହିଆସିଛନ୍ତି । ହେଲେ କୌଣସି ନାମ ନ ନେଇ ସେ କହିଛନ୍ତି ଯେ ଷଡ଼ ?ଯନ୍ତ୍ର କରିବା ଓ ବାଜେ କଥା ଗପିବାରେ କିଛି ଅଭିନେତ୍ରୀ ଲିପ୍ତ ରହୁଥିଲେ । ସେମାନଙ୍କ ଠାରୁ ରବୀନା ଉଚିତ ଦୂରତା ଅବଲମ୍ବନ କରୁଥିଲେ । ଗୋଟିଏ ଚଳଚ୍ଚିତ୍ରରେ ରବୀନାଙ୍କ ବିପକ୍ଷରେ ଥିବା ଅଭିନେତାଙ୍କ ବାନ୍ଧବୀ ରବୀନାଙ୍କୁ ନେଇ ଅସୁରକ୍ଷିତ ଅନୁଭବ କରୁଥିବାରୁ ତାଙ୍କୁ ଗୋଟିଏ-ଦୁଇଟି ଚଳଚ୍ଚିତ୍ର ମଧ୍ୟ ହାତଛଡ଼ା କରିବାକୁ ପଡ଼ିଥିଲା ।

୧୯୯୧ ମସିହାର 'ପଥର କେ ଫୁଲ' ଚଳଚ୍ଚିତ୍ର ଜରିଆରେ ସେ ବଲିଉଡ୍‌ରେ ପ୍ରବେଶ କରିଥିଲେ । ଏହା ପରେ ୨୦୧୪ରୁ ସେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମରେ ଜଜ୍ ଭାବେ ସକ୍ରିୟ ଅଛନ୍ତି । ଗତ ବର୍ଷ ଅପରାଧ-ରୋମାଞ୍ଚ ଧାରାବାହିକ 'ଆରଣ୍ୟକ' ଜରିଆରେ ସେ ଓଟିଟି ଦୁନିଆରେ ପଦାର୍ପଣ କରିଛନ୍ତି ।

ପୁଣି ଏକାଠି ହେବେ ସଲମାନ-କ୍ୟାଟ୍ରିନା

ସରିଛି ବଲିଉଡର କ୍ୟାଟ୍ ଓରଫ୍ କ୍ୟାଟ୍ରିନା କୈଫଙ୍କ ବିବାହ । ସେ ଅଭିନେତା ବିକ୍କି କୌଶଲଙ୍କ ସହ ନେଇଛନ୍ତି ସାତ ଫେରା । ତେବେ ବିବାହ ପରେ ଏବେ ପୁଣି ଥରେ ବଲିଉଡ ଭାଇଜାନ୍ ସଲମାନ ଖାନ୍‌ଙ୍କ ଆଡକୁ ମୁହାଁଇଛନ୍ତି କ୍ୟାଟ୍ରିନା । ଖୁବଶୀଘ୍ର ପୁଣି ଏକାଠି ହେବେ ସଲମାନ ଓ କ୍ୟାଟ୍ରିନା ।

ତେବେ ପ୍ରକୃତ ଜୀବନରେ ନୁହେଁ । ଅପ୍‌କମିଂ ଫିଲ୍ମ 'ଟାଇଗର-୩'ର ଶୁଟିଂ ପାଇଁ ଏଦୁହେଁ ଏକାଠି ହେବେ । ମୁମ୍ବାଇ ସ୍ଥିତ ୟଶ ରାଜ ଫିଲ୍ମ ଷ୍ଟୁଡିଓରେ ଆସନ୍ତା ଶନିବାର ଏହି ଫିଲ୍ମର ଶୁଟିଂ ପୁଣି ଆରମ୍ଭ ହେବ । ଏଠି ସଲମାନ ଓ କ୍ୟାଟ୍ରିନା ଏକାଠି ନଜର ଆସିବେ । କେବଳ ସେତିକି ନୁହେଁ ଆସନ୍ତା ୧୪ ତାରିଖରୁ କିଛି ଦିନ ପାଇଁ ନୂଆ ଦିଲ୍ଲୀରେ ଉଭୟ ଡେରା ପକାଇବେ । ବଡ ଆଉଟଡୋର ଶୁଟିଂ ପାଇଁ ଦିଲ୍ଲୀ ଯିବେ ସଲମାନ-କ୍ୟାଟ୍ । ଏହି ଶେଡ୍ୟୁଲ ପରେ ଫିଲ୍ମ ଟାଇଗର-୩ର ଶୁଟିଂ ପୂରା ହେବ । ସୂତ୍ରରୁ ମିଳିଥିବା ସୂଚନାନୁସାରେ ଅନ-ସ୍କ୍ରିନର ହିଟ୍ ଯୋଡି ସଲମାନ-କ୍ୟାଟ୍ରିନା ଦିଲ୍ଲୀରେ ଫିଲ୍ମର ଏକ ମହତ୍ତ୍ୱପୂର୍ଣ୍ଣ ସିନର ଶୁଟିଂ କରିବେ ।

ତେବେ ସେ ଯାହା ହେଉ ନା କାହିଁକି ବିବାହ ପରେ କ୍ୟାଟ୍ରିନା ପ୍ରଥମ ଥର ପାଇଁ ସଲମାନଙ୍କୁ ଭେଟିବେ । ଦୁହେଁ ପୁଣି ଥରେ ଏକାଠି ହେବେ । ନିକଟରେ ସଲମାନ ଖାନ ପ୍ରଥମ ଥର ପାଇଁ ସର୍ବ ସମ୍ମୁଖରେ କ୍ୟାଟ୍ରିନାଙ୍କ ବିବାହକୁ ନେଇ ମୁହଁ ଖୋଲିଥିଲେ । ବିଗ୍‌ବସ୍-୧୫ର ଗ୍ରାଣ୍ଡ ଫିନାଲେ ଶୋ'ରେ ସଲମାନ କ୍ୟାଟ୍ରିନା ଓ ବିକ୍କିଙ୍କ ବିଷୟରେ କହିଥିଲେ ।ଅଭିନେତ୍ରୀ ଶେହନାଜ ଗିଲ୍‌ଙ୍କ ଏକ ପ୍ରଶ୍ନର ଉତ୍ତରରେ ସଲମାନ କ୍ୟାଟ୍ରିନାଙ୍କ ବିବାହକୁ ନେଇ ଖୁସି ଥିବା ଜାହିରି କରିଥିଲେ । ଭାରି ମନରେ ବିକ୍କି ଓ କ୍ୟାଟ ଖୁସିରେ ଅଛନ୍ତି ବୋଲି ସେ କହିଥିଲେ । ଏହା ଶୁଣି ଶେହନାଜ ଆପଣ ସିଙ୍ଗିଲ ହିଁ ଭଲ ଅଛନ୍ତି ବୋଲି ସଲମାନଙ୍କୁ କହିଥିଲେ । କିନ୍ତୁ ସଲମାନ ସିଙ୍ଗିଲ ନଥିବା ନେଇ ଇସାରା ଦେଇଥିଲେ । ତେବେ ସଲମାନ ଯଦି ସିଙ୍ଗିଲ ନାହାନ୍ତି ତେବେ କାହା ସହ ଲିଙ୍କ-ଅପ୍‌ରେ ଅଛନ୍ତି କାହାକୁ ସେ ଡେଟ୍ କରୁଛନ୍ତି ସେ ନେଇ ଏବେ ଫ୍ୟାନ୍‌ମାନଙ୍କ ମନରେ ପ୍ରଶ୍ନ ଉଠିଛି ।

ରୁଦ୍ରାଣୀର ସୁଟିଂ ଶେଷ

ଝିଲିକ୍ ମୋସନ୍ ପିକଚର୍ସର ପ୍ରଥମ ଅବଦାନ 'ରୁଦ୍ରାଣୀ'ର ସୁଟିଂ ଶେଷ ପରେ କ୍ୟାମ୍ପ ଫାୟାର୍ ଭୁବନେଶ୍ୱର ପଟିଆସ୍ଥିତ ଲା-ଲନ୍ ଗାର୍ଡେନଠାରେ ଅନୁଷ୍ଠିତ ହୋଇଯାଇଅଛି । ଅଭିନେତ୍ରୀରୁ ପ୍ରଯୋଜିକା ସାଜିଥିବା ଝିଲିକ୍ କ୍ୟାମ୍ପ ଫାୟାରରେ ଭାବବିହ୍ୱଳ ହୋଇ ସ୍ୱଟ୍‌ବୟରୁ ଆରମ୍ଭ କରି ନିର୍ଦ୍ଦେଶକ ପର୍ଯ୍ୟନ୍ତ ସମସ୍ତଙ୍କର ସହଯୋଗକୁ ପ୍ରଶଂସା କରିଥିଲେ । ବହୁଦିନ ପରେ କୌଣସି ଏକ ଓଡ଼ିଆ ଚଳଚ୍ଚିତ୍ରରେ ସ୍ୱତନ୍ତ୍ର ଆୟୋଜନ କରାଯାଇ ସମସ୍ତଙ୍କ କାର୍ଯ୍ୟକୁ ଧନ୍ୟବାଦ ଦେଇଥିବାରୁ ଅଭିନେତ୍ରୀ ଝିଲିକ୍‌ଙ୍କୁ ପ୍ରଯୋଜକ ଟୁଟୁ ନାୟକ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ମୂରଲୀ କ୍ରିଷ୍ଣା, କ୍ୟାମେରା ମ୍ୟାନ୍ ଇଶ୍ୱର ବାରିକ, ଅଭିନେତା ମଣ୍ଟୁ, ଲୋହିତାକ୍ଷ, ଶକ୍ତି ବରାଳ, ବାପିବାବୁ, ବିକି ମିଶ୍ର, ଧରିତ୍ରୀ, ଶୁଭଙ୍କରୀ, ପ୍ରଡକ୍ସନ ମ୍ୟାନେଜର ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ । ଚଳଚ୍ଚିତ୍ର ଅତିଶୀଘ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ସୂଚନା ଦିଆଯାଇଛି ।

ବିଗ୍ ବସ୍-୧୫ ଜିତିଲେ ତେଜସ୍ୱୀ

ଟିଭି ତାରକା ତେଜସ୍ୱୀ ପ୍ରକାଶ ପ୍ରସିଦ୍ଧ ରିୟାଲିଟି ସୋ' 'ବିଗ୍ ବସ୍'ର ପଞ୍ଚଦଶ ସଂସ୍କରଣର ବିଜେତ୍ରୀ ଘୋଷିତ ହୋଇଛନ୍ତି । 'ସ୍ୱରାଗିଣୀ- ଯୋଡେଁ ରିଷ୍ଟୋଁ କେ ସୁର' ଧାରାବାହିକ ମାଧ୍ୟମରେ ଲୋକପ୍ରିୟ ହୋଇଥିବା ତେଜସ୍ୱୀ ପୁରସ୍କାର ସ୍ୱରୂପ ବିଗ୍ ବସ୍ ଟ୍ରଫି ସାଙ୍ଗକୁ ନଗଦ ୪୦ ଲକ୍ଷ ଟ

ନିର୍ବାଚନୀ ହିଂସାରୁ ନିବୃତ ରହୁ ବିଜେଡି : ବିଜେପି

ଭୁବନେଶ୍ୱର,୩/୨ (ନି.ପ୍ର): ବିଭିନ୍ନ ଅଭିଯୋଗକୁ ନେଇ ବିଜେପି ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି । ଶାସନ କ୍ଷମତା ଏବଂ ସରକାରୀ କଳ ଓ ବଳକୁ ଅପବ୍ୟବହାର କରି ଶାସକ ବିଜେଡି ଭୋଟରମାନଙ୍କୁ ବାରମ୍ବାର ପ୍ରଭାବିତ କରୁଥିବାର ପ୍ରମାଣିତ ହେବା ସତ୍ତ୍ୱେ ରାଜ୍ୟ ନିର୍ବାଚନ କମିଶନ ନୀରବତା ଅବଲମ୍ବନ କରିବା ଏବଂ କୌଣସି ପଦକ୍ଷେପ ଗ୍ରହଣ ନକରିବା ସୁସ୍ଥ ଗଣତନ୍ତ୍ର ପ୍ରତି ବିପଦ ଆଣିଦେଇଛି । ଶାସକ ବିଜେଡି ନିର୍ବାଚନୀ ହିଂସାରୁ ନିବୃତ ରହିବାକୁ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ।

ବିଜେପି ପ୍ରତିନିଧି ଦଳ ଅଭିଯୋଗ କରିଛି ଯେ ଗତ ଜାନୁଆରୀ ୨୧ ତାରିଖରେ ମାଲକାନଗିରି ଜିଲ୍ଲା ପରିଷଦ ଜୋନ-୨ ପ୍ରାର୍ଥୀ ପ୍ରଦୀପ କୁମାର ମାଡକାମୀଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ତିନି ଜଣ ଅଜ୍ଞାତ ବ୍ୟକ୍ତି ବିଚ୍ ବଜାରରେ ଧମକ ଦେବା ସହ ଜୀବନରୁ ମାରି ଦେବାର ମଧ୍ୟ ଧମକ ଦେଇଥିଲେ । ପୁଣି ଗତ ୩୧ ତାରିଖ ଦିନ ତିନି ଜଣ ମୁଖା ପିନ୍ଧା ଅଜ୍ଞାତ ବ୍ୟକ୍ତି ଶ୍ରୀ ମାଡକାମୀଙ୍କୁ ଆକ୍ରମଣ ସହ ମୁହଁରେ କପଡା ବାନ୍ଧି ଅପହରଣ କରିଥିଲେ । ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇ ଭୟଭୀତ କରିଥିଲେ । ସେହିପରି ମାଲକାନଗିରି ଜିଲ୍ଲା କାଲିମେଳା ଜୋନ ବିଜେପି ଦଳୀୟ ପ୍ରାର୍ଥୀ ଶ୍ରୀମତି ରିନା କବାସିଙ୍କୁ ଗତ ଜାନୁଆରୀ ୨୩ ତାରିଖ ଦିନ ଅପହରଣ କରି ତାଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପାଇଁ ଧମକ ଓ ଲାଂଚ ପ୍ରଦାନ କରିଥିବା ହୋମଗାର୍ଡ ସୁଧୀର ସ୍ୱାଇଁଙ୍କ ବିରୋଧରେ ବର୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଗତ କାଲି ଭଦ୍ରକ ବ୍ଲକରେ ବିଜେପି କାର୍ଯ୍ୟକର୍ତା ଶୁବାଷିସ୍ ଗିରିଙ୍କୁ ବିଜେଡି ଗୁଣ୍ଡାଙ୍କ ଦ୍ୱାରା ନିର୍ମମ ହତ୍ୟା କରାଯିବା ଏବଂ ଅଭିଯୁକ୍ତଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । କନ୍ଧମାଳ ଜିଲ୍ଲାପାଳ ଶ୍ରୀମତୀ ଡି.ବୃନ୍ଦା ଦୀର୍ଘ ୭ ବର୍ଷ ହେଲାଣି ଜିଲ୍ଲାପାଳ ଭାବେ ଗୋଟିଏ ସ୍ଥାନରେ କାର୍ଯ୍ୟରତ ଅଛନ୍ତି । ନିଜ ପଦର ଅପବ୍ୟବହାର କରି ଶ୍ରୀମତୀ ବୃନ୍ଦା ଶାସକ ବିଜେଡି ଓ ବିଜେଡି ନେତୃବୃନ୍ଦଙ୍କ ପାଇଁ କାର୍ଯ୍ୟ କରୁଛନ୍ତି । ଏପରିକି ବିଜେପି ଦଳର କୌଣସି ଅଭିଯୋଗକୁ କର୍ଣ୍ଣପାତ ମଧ୍ୟ କରୁନାହାନ୍ତି । ଜିଲ୍ଲାପାଳଙ୍କ ଡାକ୍ତର ସ୍ୱାମୀ ସ୍ଥାନୀୟ ସାଂସଦଙ୍କ ମାଲିକାନାରେ ଥିବା କିମ୍ସ ମେଡିକାଲ ଓ ହସପିଟାଲରେ କାର୍ଯ୍ୟରତ ଅଛନ୍ତି । ଏହା ସଂପୂର୍ଣ୍ଣ ରୂପେ 'ବ୍ୟକ୍ତିଗତ ସ୍ୱାର୍ଥ' ଏବଂ 'ପ୍ରତିଦାନ'କୁ ଚରିତାର୍ଥ କରୁଛି । ତୁରନ୍ତ ଶ୍ରୀମତୀ ବୃନ୍ଦାଙ୍କୁ ଦାୟୀତ୍ୱମୁକ୍ତ କରାଯାଉ ବୋଲି ବିଜେପି ଦାବି କରିଛି ।

ଏହି ପ୍ରତିନିଧି ଦଳରେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ କସ୍ତୁରୀ ମିଶ୍ର, ଗଣମାଧ୍ୟମ ସହ ସଂଯୋଜକ ସୁଜିତ୍ କୁମାର୍ ଦାସ୍, ଜୟନ୍ତୀ ପଢିଆରୀ, ବସନ୍ତ ପଢିଆରୀ ପ୍ରମୁଖ ସାମିଲ ଥିଲେ ।

ରାଜ୍ୟରେ ପୁଣି ୧୮ ଜଣ ସଂକ୍ରମିତଙ୍କ ପ୍ରାଣହାନି : କରୋନାଜନିତ ମୃତ୍ୟୁ ସଂଖ୍ୟା ୮୬୬୬କୁ ବୃଦ୍ଧି

ଭୁବନେଶ୍ୱର,୩/୨ (ନି.ପ୍ର): ପୁଣି ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ଦୁଇ ଅଙ୍କ ଛୁଇଁଛି । ରାଜ୍ୟରେ ଆଉ ୧୮ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮୬୬୬କୁ ବୃଦ୍ଧି ପାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ କଟକ, ଖୋର୍ଦ୍ଧା, ଭଦ୍ରକ, ଜଗତସିଂହପୁର ଓ ସୁନ୍ଦରଗଡ଼ ଜିଲ୍ଲାର ୩ ଜଣ ଲେଖାଏଁ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଅପରପକ୍ଷରେ ବାଲେଶ୍ୱର, ଦେବଗଡ଼ ଓ ନୟାଗଡ଼ରୁ ଜଣେ ଲେଖାଏଁ ମୃତକ ଅଛନ୍ତି । ସୂଚନାଯୋଗ୍ୟ, ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୩,୬୨୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୧୧୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୨୧୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୫୧୫ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୧୬ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୮୯ ଜଣ, ବାଲେଶ୍ୱରରୁ ୧୧୧ ଜଣ, ବରଗଡ଼ରୁ ୭୧ ଜଣ, ଭଦ୍ରକରୁ ୪୫ ଜଣ, ବଲାଙ୍ଗୀରରୁ ୯୧ ଜଣ, ବୌଦ୍ଧ ଜିଲ୍ଲାରୁ ୮୦, କଟକରୁ ୩୨୯ ଜଣ, ଦେବଗଡ଼ରୁ ୬୮ ଜଣ, ଢେଙ୍କାନାଳରୁ ୫୫ ଜଣ, ଗଜପତିରୁ ୫୬, ଗଞ୍ଜାମରୁ ୪୬ ଜଣ, ଜଗତସିଂହପୁରରୁ ୮୯ ଜଣ, ଯାଜପୁରରୁ ୧୩୭ ଜଣ, ଝାରସୁଗୁଡ଼ାରୁ ୧୩୭ ଜଣ, କଳାହାଣ୍ଡିରୁ ୮୫ ଜଣ, କନ୍ଧମାଳରୁ ୪୭ ଜଣ, କେନ୍ଦ୍ରାପଡ଼ାରୁ ୧୪୯ ଜଣ, କେଉଁଝରରୁ ୯୪ ଜଣ, ଖୋର୍ଦ୍ଧାରୁ ୭୧୬ ଜଣ, କୋରାପୁଟରୁ ୩୧ ଜଣ, ମାଲକାନଗିରିରୁ ୨୩ ଜଣ, ମୟୂରଭଞ୍ଜରୁ ୧୪୨ ଜଣ, ନବରଙ୍ଗପୁରରୁ ୯୦, ନୟାଗଡ଼ରୁ ୧୧୮ ଜଣ, ନୂଆପଡ଼ାରୁ ୭୦ ଜଣ, ପୁରୀରୁ ୫୩ ଜଣ, ରାୟଗଡ଼ାରୁ ୧୦୧ ଜଣ, ସମ୍ବଲପୁରରୁ ୧୦୧ ଜଣ, ସୋନପୁରରୁ ୩୬, ସୁନ୍ଦରଗଡ଼ରୁ ୩୪୬ ଜଣ ଓ ଷ୍ଟେଟ ପୁଲରୁ ୧୬୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨,୫୯, ୪୦୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୧୫, ୩୮୦ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୩୫, ୩୦୬ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

ପଛୁଆବର୍ଗ ଜନଗଣନା ପରେ ମ୍ୟୁନିସିପାଲିଟି, ଏନ୍.ଏ.ସି. ନିର୍ବାଚନ କରାଯାଉ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୩/୨ (ନି.ପ୍ର): ୧୦୭ ମ୍ୟୁନିସିପାଲିଟି ଓ ଏନ୍.ଏ.ସି.ର ୧୭୫୬ଟି ୱାର୍ଡ଼ର ନିର୍ବାଚନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ପଂଚାୟତ ନିର୍ବାଚନ ଭଳି ପଛୁଆବର୍ଗ ଜନଗଣନା ହୋଇନଥିବା ଯୋଗୁ ରାଜ୍ୟର ୫୨ଭାଗ ଓବିସି ୧୭୫୬ଟି ୱାର୍ଡ଼ ମଧ୍ୟରୁ ୪୭୪ଟି ୱାର୍ଡ଼ କାଉନ୍ସିଲାର ପଦବୀ ହରାଇବେ । ତେଣୁ ପ୍ରଥମେ ପଛୁଆ ବର୍ଗ ଜନଗଣନା କରିବାକୁ ସମାଜବାଦୀ ପାର୍ଟି ଦାବି କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏ ସଂକ୍ରାନ୍ତରେ ରାଜ୍ୟ ନିର୍ବାଚନ ଆୟୋର ଅଧ୍ୟକ୍ଷ ଆଦିଦ୍ୟ ପ୍ରସାଦ ପାଢୀଙ୍କୁ ଏକ ଚିଠି ଲେଖି ଦର୍ଶାଇଛନ୍ତି ଯେ, ରାଜ୍ୟର ନଗର ଉନ୍ନୟନ ବିଭାଗର ବିକାଶ ପ୍ରକ୍ରିୟାରୁ ପଛୁଆବର୍ଗ ବାଦ ପଡ଼ିବାକୁ ଯାଉଛନ୍ତି । ୨୦୧୮ ମସିହାର ନିର୍ବାଚନ ୪ ବର୍ଷ ପରେ ୨୦୨୨ ମସିହାରେ ଅନୁଷ୍ଠିତ ହେବ । ଏହାକୁ ଆଉ ୬ ମାସ ଘୁଂଚାଇ ଦିଆଯାଇ ପଛୁଆବର୍ଗ ଜନଗଣନା କରି ଏହିସବୁ ମ୍ୟୁନିସିପାଲିଟି ଓ ଏନ୍.ଏ.ସି.ର ନିର୍ବାଚନ କରାଗଲେ ରଜ୍ୟର ପଛୁଆବର୍ଗ ତାଙ୍କର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇପାରନ୍ତେ । ଏହାକୁ ଆଖି ଆଗରେ ରଖି ମାନ୍ୟବର କମିଶନ ଏ ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ବେହେରା ତାଙ୍କ ଚିଠିରେ ଦାବି କରିଛନ୍ତି ।

ଏଠାରେ ଉଲ୍ଲେଖଥାଉକି, ରାଜ୍ୟରେ ପଛୁଆବର୍ଗ ଜନଗଣନା ହୋଇନଥିବା ଯୋଗୁ ସୁପ୍ରିମକୋର୍ଟ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଓବିସି ବର୍ଗଙ୍କର ପ୍ରତିନିଧିତ୍ୱ ଦିଗରେ ପ୍ରତବନ୍ଧକ ଲଗାଇବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୁନଶ୍ଚ ମ୍ୟୁନିସିପାଲିଟି ନିର୍ବାଚନରେ ମଧ୍ୟ ଏହି ବର୍ଗ କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି ।

ନୀଳାଚଳ ଟାଟାକୁ ବିକ୍ରି ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ : କେନ୍ଦ୍ରୀୟ ଶ୍ରମିକ ସଂଗଠନ ମଳିତ ମଞ୍ଚ

ଭୁବନେଶ୍ୱର,୩/୨ (ନି.ପ୍ର): ୮ଗୋଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଏକ ଜରୁରୀକାଳୀନ ବୈଠକ ଆଇଏନ୍‌ଟିୟୁସି କାର୍ଯ୍ୟାଳୟଠରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ସେୱା ଓ ଏଲ୍‌ପିଏଫ୍‌ର ଶ୍ରମିକ ନେତାମାନେ ନୀଳାଚଳ ଇସ୍ପାତ କାରଖାନାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଟାଟାକୁ ବିକ୍ରି କରିବାରେ ଦାୟୀ ବୋଲି ମତପ୍ରକାଶ କରିଛନ୍ତି । ନୀଳାଚଳ ଇସ୍ପାତର ସମ୍ପତ୍ତିକୁ ସଠିକ୍ ମୂଲ୍ୟାୟନ ନକରି ଶାଗମାଛ ଦରରେ ଟାଟାକୁ ୧୨ ହଜାର ୧୦୦କୋଟି ଟଙ୍କାରେ ବିକ୍ରି କରିବା ଏକ ଚଞ୍ଚକତା ବୋଲି ଶ୍ରମିକ ନେତାମାନେ କ୍ଷୋଭପ୍ରକାଶ କରିଛନ୍ତି । ସରକାର ଶ୍ରମିକମାନଙ୍କ ସହିତ କୌଣସି ଆଲୋଚନା ନକରି ବିକ୍ରି କରିବା ଏକ ଲଜ୍ଜାଜନକ କଥା । ନୀଳାଚଳ ଇସ୍ପାତକୁ ରାଉରକେଲା ଷ୍ଟିଲପ୍ଲାଣ୍ଟ ସହିତ ମିଶାଇ ଏତେବଡ଼ କାରଖାନାକୁ ପୁର୍ନଜୀବିତ କରାଯାଇ ପାରିଥାନ୍ତା । ଏହା ନକରି କର୍ପୋରେଟମାନଙ୍କ ସ୍ୱାର୍ଥରେ ଉଭୟ ସରକାର ସାଲିସ୍ କରିଛନ୍ତି ଓ ଏହାକୁ ୮ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଦୃଢ ନିନ୍ଦା କରିଛନ୍ତି । ସେମାନେ କହିଛନ୍ତି ଯେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଘରୋଇକରଣରୁ ଦୂରେଇ ରହି ରାଜ୍ୟ ସରକାର ଏହାକୁ ୩୯ ପ୍ରତିଶତ ଅଂଶଧନରେ ଚଳାଇଥାନ୍ତେ, ଓଡ଼ିଶାର ବହୁ ବେକାରୀ ଯୁବକ ନିଯୁକ୍ତିର ସୁଯୋଗ ପାଇଥାନ୍ତେ । ଏହି ବୈଠକରେ ଆଇଏନ୍‌ଟିୟୁସିର ସଭାପତି ପାକ୍ତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ଏଆଇଟିୟୁସିର ରାମକୃଷ୍ଣ ପଣ୍ଡା, ଏଚ୍‌ଏମ୍‌ଏସ୍‌ର ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ସିଟୁର ସଭାପତି ଜନାର୍ଦ୍ଦନ ପତି, ଏଆଇୟୁଟିୟୁସିର ନିରଞ୍ଜନ ମହାନ୍ତି, ଏଆସିସିଟିୟୁର ସଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଟିୟୁସିସିର ନେତା ଜ୍ୟୋତିରଞ୍ଜନ ମହାପାତ୍ର, ଏଲ୍‌ପିଏଫ୍‌ର ସଭାପତି ବି.ପି. ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ସାଉଦି ଆରବରୁ ୩ ଜଣ ପ୍ରବାସୀ ଓଡ଼ିଆ ଉଦ୍ଧାର: ଖୁବ୍ ଶୀଘ୍ର ଫେରିବେ ଅନ୍ୟ ୨ ଜଣ

ଭୁବନେଶ୍ୱର,୩/୨ (ନି.ପ୍ର): ଯାଜପୁର ଜିଲ୍ଲା ଅଳଙ୍ଗ ଗ୍ରାମର ୨ଜଣ ଲୋକ ଯଥାକ୍ରମେ ଶେଖ୍ ଜଲାଲୁଦ୍ଦିନ, ଶେଖ୍ ସଲ୍ଲାନ, ଶେଖ୍ ଇମ୍ରାନ ଓ ଯମଧରପୁରର ୩ ଜଣ ଲୋକ ଶେଖ୍ ଅବଦୁଲ ଖଲିଦ, ଶେଖ୍ ନୌସାଦ ଅଲି, କାମ କରିବା ପାଇଁ ସୁଦୂର ସାଉଦି ଆରବିଆ ଦେଶସ୍ଥିତ ଶର୍ଫତ ଆଲହିନ୍ଦ ଇଣ୍ଡିଆନ ରେଷ୍ଟୁରାଣ୍ଟକୁ ଯାଇଥିଲେ । ହୋଟେଲର ମାଲିକ ଚୁକ୍ତିନାମା ଅନୁଯାୟୀ ସେମାନଙ୍କୁ ଯେତିକି ଦରମା ଦେବାପାଇଁ କହିଥିଲେ । କିନ୍ତୁ ତାହାଠୁ ଖୁବ୍ କମ୍ ଦରମା ଦେଉଥିଲେ ଏବଂ ଜୋର କରି ସେମାନଙ୍କଠୁ ପେମେଣ୍ଟ ଭାଉଚରରେ ଦସ୍ତଖତ ନେଉଥିଲେ । ପ୍ରତ୍ୟକ ଦିନ ୨୦ଘଣ୍ଟା ସେମାନଙ୍କୁ ହୋଟେଲରେ ଖଟାଉଥିଲେ ଏବଂ ଅସହ୍ୟ ଅତ୍ୟାଚାର କରୁଥିଲେ । ଆର୍ଥିକ ସମସ୍ୟା ହେତୁ ସେମାନେ ଅତ୍ୟନ୍ତ ଚାପଗ୍ରସ୍ତ ଥିଲେ । ହୋଟେଲ ମାଲିକ ମିଥ୍ୟା ଅଭିଯୋଗ ମଧ୍ୟ ଦାୟର କରିଥିଲେ । ସେମାନଙ୍କ ପାସପୋର୍ଟ ଇତ୍ୟାଦି ଛଡାଇ ନେଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ କୌଣସିପ୍ରକାରେ କମ୍ପାନୀର ହେପାଜତରୁ ରକ୍ଷାପାଇ, ତାଙ୍କୁ ଓ ସହକର୍ମୀଙ୍କୁ ଉଦ୍ଧାର କରିବାକୁ ଓଡ଼ିଶା ସରକାରଙ୍କୁ ଗୁହାରି କରିଥିଲେ । ଏ ସମ୍ପର୍କରେ ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ଶ୍ରୀ ପ୍ରଣବ ପ୍ରକାଶ ଦାସ ସୂଚନା ପାଇବା ପରେ ଓଡ଼ିଶା ମୋ ପରିବାରକୁ ଜଣାଇଥିଲେ ଏବଂ ଓଡ଼ିଶା ମୋ ପରିବାର ସଙ୍ଗେସଙ୍ଗେ ଏହି ବିଷୟକୁ ବିଚାରକୁ ନେଇ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟର ଦୃଷ୍ଟି ଆକର୍ଷଣ କରିଥିଲା । ବାହାରିନର ଓଡିଆ ସମାଜର ପ୍ରତିଷ୍ଠାତା ତଥା ଓଡ଼ିଶା ମୋ ପରିବାରର ନିଯୁକ୍ତ ସ୍ୱକ ସଦସ୍ୟ ଡଃ ଅରୁଣ କୁମାର ପ୍ରହରାଜ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ ଏସ୍. ଜୟଶଙ୍କର ଏବଂ ବୈଦେଶିକ ମନ୍ତ୍ରାଳୟ ସହ ସମନ୍ୱୟ ରକ୍ଷା କରି ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇଥିଲେ । ଶ୍ରୀ ପ୍ରହରାଜ ଏବଂ ଓଡ଼ିଶା ମୋ ପରିବାର ସେମାନଙ୍କୁ ଆଣିବା ପାଇଁ ଗତ ନଭେମ୍ବର ମାସରୁ ନିରନ୍ତର ପ୍ରୟାସ ଜାରି ରଖିଥିଲେ ଓ ଭାରତର ମାନ୍ୟବର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟୋଗୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସାଂସଦ ଡଃ ସସ୍ମିତ ପାତ୍ରଙ୍କର ଏହିପ୍ରୟାସରେ ଉଲ୍ଲେଖନୀୟ ଅବଦାନ ଥିଲା ।

ସଂକ୍ରମଣ ତଳ ଉପର ହେଉଛି, ସ୍କୁଲ ଖୋଲିବା ନେଇ ସରକାର ତର୍ଜମା କରୁଛନ୍ତି: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୩/୨ (ନି.ପ୍ର): ରାଜ୍ୟରେ କରୋନା ସ୍ଥିତି ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ସଂକ୍ରମଣ ତଳ ଉପର ହେଉଛି । କିନ୍ତୁ ଯେଉଁ ଟ୍ରେଣ୍ଡ ଦେଖାଯାଉଛି ସଂକ୍ରମଣ କମୁଛି । ଓମି ସିୟର କିଟରେ ହାରାହାରି ୩୧,୬୬୬ ଜଣଙ୍କର ସାମ୍ପୁଲ ଟେଷ୍ଟ କରାଯାଇଥିଲା । ସେଥିମଧ୍ୟରୁ ୧୭୨୯ ଜଣଙ୍କର ପଜିଟିଭ ଚିହ୍ନଟ ହୋଇଥିଲା । ସେମାନଙ୍କ ମଧ୍ୟରୁ ୫୭୬ ଜଣ ଓମିକ୍ରନ ଆକ୍ରାନ୍ତ ହୋଇଥିବା ଜଣାଯାଇଛି । ହାରାହାରି ୩୩ ପ୍ରତିଶତ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ରାଜ୍ୟରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା କେତେ ତାହା ଜିନମ ସିକ୍ୟୁନସିଂ ଡାଟା ଏବଂ ଓମି ସିୟର କିଟର ଡାଟାକୁ ମିଳିତ ଭାବରେ ଅନୁଧ୍ୟାନ କରିବା ପରେ ଜଣାପଡ଼ିବ ।

ସେ ଆହୁରି ମଧ୍ୟ କହିଛନ୍ତି, ସ୍କୁଲ ଖୋଲିବା ନେଇ ସରକାର ତର୍ଜମା କରୁଛନ୍ତି । ସାମଗ୍ରିକ ଭାବରେ ପରିସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ । ମାନ୍ୟବର ଉଚ୍ଚ ନ୍ୟାୟାଳୟ ଯାହା ନିର୍ଦ୍ଦେଶ ଦେଇଛନ୍ତି ସେହି ଅନୁସାରେ ସରକାର ହାତକୁ ନେବେ । ମୃତ୍ୟୁ ସଂଖ୍ୟା ଓମି କ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ଦେଖିଲେ ବର୍ତ୍ତମାନ ଡ଼େଲ୍ଟାର ଉପସ୍ଥିତି ରହିଛି ସେହି କାରଣରୁ ମୃତ୍ୟୁ ହେଉଛି । ବର୍ତ୍ତମାନ ଡ଼େଲ୍ଟା ଆଧିପତ୍ୟ ବିସ୍ତାର କରି ରହିଛି ।

ସୂଚନାଯୋଗ୍ୟ, ଗତକାଲି ୩୪୫୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୩,୬୨୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୧୧୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୨୧୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୫୧୫ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୧୬ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

ଲିଫ୍ଟ ନେଇ ଲୁଟ୍‌ର ଶିକାର ହେଲେ: ସାହାଯ୍ୟ ମାଗି ମାଡ଼ ଖାଇଲେ

ଭୁବନେଶ୍ୱର,୩/୨ (ନି.ପ୍ର): : ଲିଫ୍ଟ ନେଇ ଫସିଗଲେ ଯୁବକ । ଲୁଟ୍‌ର ଶିକାର ହେଲେ, ମରଣାନ୍ତକ ଆକ୍ରମଣର ବି ଶିକାର ହେଲେ । ଏହାପରେ ଉଦ୍ଧାର ପାଇଁ ଯାହାକୁ ସାହାଯ୍ୟ ମାଗିଲେ, ସେମାନେ ବି ଚୋର ଭାବି ନିର୍ଧୂମ ପିଟିଲେ । ଲିଫ୍ଟ ନେଇ ଏପରି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି କେନ୍ଦ୍ରାପଡ଼ା ରାଜକନିକାର ବିରେନ୍ ପରିଡ଼ା ନାମକ ଯୁବକ । ଗତ ଏକ ତାରିଖରେ ବେଙ୍ଗାଲୁରୁରୁ ଭୁବନେଶ୍ୱରକୁ ଫେରିଥିଲେ ବିରେନ୍ । ସତସଙ୍ଗ ବିହାର ନିକଟରେ ପ୍ରଥମ ବସ୍ ଫେଲ୍ ହେବା ପରେ ଅନ୍ୟ ଏକ ବସ୍‌କୁ ଅପେକ୍ଷା କରିଥିଲେ । ଏହି ସମୟରେ ଜଣେ ଅପରିଚିତ ବ୍ୟକ୍ତି କାର ଆଣି ଲିଫ୍ଟ ଦେବାକୁ କହିଥିଲେ । କାର୍ କଟକ ମହାନଦୀ ପୋଲ୍ ପାଖରେ ପହଞ୍ଚିବା ପରେ ସେଠି ଲୁଟେରାଜଣକ ତାଙ୍କୁ କିଛି ପିଇବାକୁ ଦେଇଥିଲେ । ଏହାପରେ ବିରେନ ଅଚେତ୍ ହୋଇପଡ଼ିଥିଲେ । ଏହାପରେ ଉକ୍ତ ଲୁଟେରାଙ୍କ ସହ ଆଉ କିଛି ଯୁବକଙ୍କ ସହ ମିଶି ତାଙ୍କୁ ପ୍ରବଳ ମାଡ଼ି ମାରି ରାସ୍ତାକଡ଼ରେ ଫୋପାଡ଼ି ତାଙ୍କଠୁ ସବୁ କିଛି ଲୁଟି ନେଇଥିବା କହିଛନ୍

ମହାତ୍ମା ମାଘ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ତେଣୁ ଏ ତ୍ରିବେଣୀ ବୁଡ଼ି ହିଁ ଏ ତିଥିର ସର୍ବ ମଙ୍ଗଳପ୍ରଦ । ପୁରାଣର ଏ କାହାଣୀଟି ଆମ ଧର୍ମୀୟ ଭାବନାକୁ ଉଜ୍ଜୀବିତ କରିବା ସହ ଭକ୍ତି କୁସୁମର ମାଳାଟିଏ ମାନସ କଣ୍ଠରେ ଲମ୍ବାଇ ଦେଉଛି । ଏ ମାସର ମୁଖ୍ୟ ଧର୍ମକାର୍ଯ୍ୟ 'ସ୍ନାନ' କହିଲେ ଅତ୍ୟୁକ୍ତି ହେବନି । ତିଳ ଚତୁର୍ଥୀରେ ଗଣେଶଙ୍କ ସହ ଚନ୍ଦ୍ରଙ୍କୁ ବି ପୂଜାର୍ଚ୍ଚନା କରାଯାଏ ହିନ୍ଦୁ ନାରୀଙ୍କ ଦ୍ୱାରା ; ଧର୍ମଗ୍ରନ୍ଥାନୁସାରେ ସୁଖ ଆଉ ସମୃଦ୍ଧି ପ୍ରାପ୍ତ୍ୟଗଣପତି କୃପା ଲାଭାର୍ଥେ ଏ ବ୍ରତ ପାଳନ କରିବା ବିଧେୟ । ଏତଦ୍ୱାରା ବ୍ୟବସାୟୋନ୍ନତି, ଗୃହେ ଶାନ୍ତି, କାର୍ଯ୍ୟ ସିଦ୍ଧିଅନାୟାସରେ ଏବଂ ଆତ୍ମସନ୍ତୋଷତା ପ୍ରାପ୍ତି ହୁଏ । ଗରୀବସହାୟ ବ୍ୟକ୍ତିଙ୍କୁ ଶୀତବାସ ସହ ଅନ୍ୟାନ୍ୟ ପୋଷାକ, ଖାଦ୍ୟ ସ୍ୱହସ୍ତେ ଦାନ କଲେ ଏ ବ୍ରତର ମନୋବାଞ୍ଛା ପରିପୂର୍ଣ୍ଣ ହୁଏ । ପୌରାଣିକ ମତରେ ଗଣପତି ଓ କାର୍ତ୍ତିକ ଭିତରେ ଅଗ୍ରପୂଜ୍ୟ କିଏ ଜ୍ଞାତ ହେବାକୁ ହୋଇଥିବା ପରୀକ୍ଷାରେ ପିତା -ମାତାଙ୍କ ଚତୁଃପାର୍ଶ୍ୱ ପ୍ରଦକ୍ଷଣ ପୂର୍ବକ ଗଣପତି ହିଁ ଅଗ୍ରପୂଜ୍ୟ ହୋଇଥିଲେ । ସେଦିନଠୁ ଏହିଦିନ ଗଣେଶଙ୍କ ଅର୍ଚ୍ଚନା ସହ ଚନ୍ଦ୍ରଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଏ ; ଏ ତିଥିରେ ଗଣ ପୂଜା କଲେ ଦୈହିକ, ଦୈବିକ, ଭୌତିକ ତାପ ଦୂର ହୋଇପାରିବ ।

ପାରମ୍ପରିକ ଓଡ଼ିଆ ଗଣପର୍ବ ହେଉଛି ମାଘ ମାସର ପୂର୍ଣ୍ଣମୀ ତିଥିରେ ପାତିତ ଅଗ୍ନ୍ୟୁତ୍ସବ ବା ଅଗିଜଳା ପୂର୍ଣ୍ଣମୀ । ଏହାକୁ ବି କୁହାଯାଏ ଅଇଘେରା, ଅଇଘରା ପୁନେଇଁ, ଅଗିରା ପୂର୍ଣ୍ଣମୀ ; ଏଦିନ ଅଗ୍ନିଙ୍କ ଅର୍ଚ୍ଚନା ଉତ୍ସବ ପାଳନ କରାଯାଏ । ଓଡ଼ିଶା ସମେତ ଭାରତର ଅନେକ ରାଜ୍ୟରେ ଏହା ଭିନ୍ନ ଭିନ୍ନ ଢ଼ଙ୍ଗରେ ପାଳିତ । ଲୋକ ବିଶ୍ୱାସନୁସାରେ ଅଗିଜଳାରେ ଅଗ୍ନିନିଆଁ ଯେଉଁ ଦିଗକୁ ରହେ ବା ଢ଼ଳେ ସେ ଦିଗରେ ଧାନ ଫସଲ ଭଲ ହୁଏ ଏବଂ ଏଥିରେ ପୋଡ଼ା ଯାଇଥିବା ଫଳ ଖାଇଲେ ମନୁଷ୍ୟ ଶରୀରରେ ଚର୍ମରୋଗ ହୁଏନି ।

ଅଗିଜଳା ପୁନେଇଁ ସହିତ ଶୀତଋତୁ ଶେଷ ହୁଏ । ତେଣୁ ଢ଼ଗ ଅଛି - 'ଅଗି ଜଳିଲା...ଶୀତ ଟଳିଲା'। 'ଅଗ୍ନି'ର ଅପଭ୍ରଂଶ 'ଅଇ' ; ଏହା ସହ 'ହରିକା' ମିଶି କ୍ରମେ 'ଅଇହରା' ବା 'ଅଇଘରା' ହୋଇଛି ବୋଲି ଜଣାଯାଏ । ପୌରାଣିକ ମତେ 'ହରିକା' ନାମ୍ନୀ ରକ୍ଷସୀ ଛୋଟ ପିଲାଙ୍କୁ ଖାଇ ଯାଉଥିବାରୁ ଦେବଗଣ ତାକୁ ବଧ କରିବାରେ ବିଫଳ ହେବାରୁ ସ୍ୱୟଂ ଶିବ ତାହାକୁ ବଧ କରିବାରୁ ତା'ର ବିରାଟ ଶରୀରକୁ ସର୍ବ ଦେବଗଣ ମିଳି ନିଆଁ ଲଗାଇ ପୋଡ଼ିଦେଲେ ; ତା'ର ଏକ ସ୍ମାରକୋତ୍ସବ 'ଅଇଘରା' । ଆଉ ଏକ କିମ୍ବଦନ୍ତୀ ଅନୁସାରେ ହରିକା, ବସନ୍ତ, ହାଡ଼ଫୁଟି, ମିଳିମିଳାଦି ରୋଗାଧିଷ୍ଠାତ୍ରୀ ହେଲେ ଯୋଗିନୀ ; ମହାଦେବଙ୍କ ଦ୍ୱାରା ସେ ବିନାଶ ହେବାରୁ ଲୋକେ ତା' ଶବ ଉପରେ ଘରର ଅଳିଆ, ଚିରା କନା ଆଦି ଗଦା କରି ନିଆଁ ଜାଳିଲେ । ତା'ର ସ୍ମାରକ ଏଇ ଅଗ୍ନ୍ୟୁତ୍ସବ ।

ତେବେ ଏ ମାସଟି ଅତ୍ୟନ୍ତ ଧର୍ମୀୟ ବୋଲି ସ୍ପଷ୍ଟ ଜଣାପଡ଼େ । ମାଘର ମାହାତ୍ମ୍ୟ ବାସ୍ତବରେ ଧର୍ମର ସରଣୀରେ ଅଗ୍ରସର ହେବାର ସରଣୀଦର୍ଶକ ଭାବରେ ବିଦ୍ୟ । ଅନେକ କିମ୍ବଦନ୍ତ, ଲୋକକଥା, ଶିକ୍ଷା, ଭକ୍ତି, ଭାବ ଓ ଭାଇଚାରାର ମାସ ଏଇ ମାଘ । ପବିତ୍ରତାର ପ୍ରତୀକ ଏଇ ମାଘ । ତୀର୍ଥ ମାସ କହିଲେ ଅତ୍ୟୁକ୍ତି ନାହିଁ । (ସମାପ୍ତ)

ଭାଟପଡ଼ା, ନିରାକାରପୁର, କଣାସ, ପୁରୀ, (ମୋ)୮୯୧୭୪୮୦୫୩୬

ଟ୍ରେକର ଧକ୍କାରେ ଯୁବକଙ୍କ ମୃତ୍ୟୁ

ବସ୍ତା,୦୩/୦୨ (ନି.ପ୍ର): ବାହାବଳପୁର ଠାରେ ଟ୍ରେକର ଧକ୍କାରେ ଜଣେ ଯୁବକର ମୃତ୍ୟୁ ଘଟିଥିବା ଜଣାଯାଇଛି। ପ୍ରକାଶ ଯେ ବସ୍ତା ଥାନା ଅଧୀନ ଗୋବିନ୍ଦା ଗାଁ ର ବାଇଧର ବାରିକଙ୍କ ପୁଅ ନିରଞ୍ଜନ (୪୫ ବର୍ଷ) ଶ୍ରମ ଜୀବି ଥିବାବେଳେ ବୁଧବାର ସେଠାରେ ଯାଉଥିବା ସମୟରେ ତାଙ୍କ ଉପରେ ଗୋଟିଏ ଟ୍ରେକର ମାଡିଯାଇଥିଲା ।ଏହା ଫଳରେ ସେ ଗୁରୁତର ହୋଇପଡିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ରୂପସା ଡାକ୍ତରଖାନା ନି ଅ । ଯା । ଇ ଥି ଲ । । ମା । ତ୍ର ସେତେବେଳକୁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଗୁରୁବାର ତାଙ୍କ ଶବ ବ୍ୟବଚ୍ଛେଦ କରାଯାଇ କେଶ ନଂ ୫ ।୨୦୨୨ରେ ଏକ ମାମଲା ରୁଜୁ ହୋଇଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

୭ରୁ ଖୋଲିବ ସ୍କୁଲ....

ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ୨ ବର୍ଷ ହେଲା ଯେହେତୁ ସ୍କୁଲରେ ପାଠ ପଢ଼ାଯାଇ ନାହିଁ, ତେଣୁ ଶିକ୍ଷକମାନେ ପିଲା ଓ ଅଭିଭାବକଙ୍କୁ ସହଯୋଗ କରିବେ। ଦରକାର ପଡ଼ିଲେ ଖରାଛୁଟିକୁ ହ୍ରାସ କରାଯାଇ ପାରିବ। ଆବଶ୍ୟକ ସ୍ଥଳେ ବ୍ରିଜ୍ କୋର୍ସ ଓ ସ୍ୱଳ୍ପ-ଅବଧି, ମଧ୍ୟମ-ଅବଧି ଆଦି କ୍ଲାସ୍ କରି ପିଲାଙ୍କର ପାଠ୍ୟଖସଡ଼ା ଶେଷକରିବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଯୁକ୍ତ ଦୁଇ ପରୀକ୍ଷା ବାତିଲ ଦାବିରେ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକରେ ଆଜି ଛାତ୍ରଛାତ୍ରୀ ବିକ୍ଷୋଭ କରିଛନ୍ତି। ଛାତ୍ରଛାତ୍ରୀମାନେ ମାଷ୍ଟରକ୍ୟାଂଟିନ ଛକରୁ ବିଶାଳ ଶୋଭାଯାତ୍ରାରେ ବାହାରି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସରକାରୀ ବାସ ଭବନ ଘେରାଉ ଉଦ୍ୟମ କରିଥିଲେ। ପୋଲିସ୍ ସେମାନଙ୍କୁ ଅଟକାଇବା ପରେ ଛାତ୍ରଛାତ୍ରୀମାନେ ମନ୍ତ୍ରୀଙ୍କ ଘର ସମ୍ମୁଖରେ ଧାରଣାରେ ବସି ନିଜ ଦାବି ପୂରଣ କରିବାକୁ ଅଡ଼ି ବସି ଥିଲେ । ମହାମାରୀ କରୋନା କାଳରେ ପାଠପଢ଼ା ସଂପୂର୍ଣ୍ଣ ହୋଇନଥିବାରୁ ପରୀକ୍ଷା ବାତିଲ କରିବାକୁ ପିଲାମାନେ ଦାବି କରିଛନ୍ତି। ଛାତ୍ରଛାତ୍ରୀଙ୍କ କହିବା ଅନୁସାରେ, କରୋନା କଟକଣା ପାଇଁ ପାଠପଢ଼ା ଠିକ୍ ରେ ହୋଇପାରିନାହିଁ। ସିଲାବସ୍ ମଧ୍ୟ ସରିନାହିଁ। ଏଭଳି ସ୍ଥିତିରେ ପରୀକ୍ଷା କିପରି କରାଯିବ ବୋଲି ପିଲାମାନେ ପ୍ରଶ୍ନ କରିଛନ୍ତି। ଜଗତସିଂହପୁର, ଭଦ୍ରକ, ନବରଙ୍ଗପୁର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀମାନେ ବିକ୍ଷୋଭ କରୁଥିବାବେଳେ ମାଷ୍ଟର କ୍ୟାଂଟିନ ଛକରେ ଆଜି ଶତାଧିକ ଛାତ୍ର ଏକାଠି ହୋଇ ବିକ୍ଷୋଭ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ବିକ୍ଷୋଭକୁ ଛାତ୍ର କଂଗ୍ରେସ ପକ୍ଷରୁ ସମର୍ଥନ କରାଯାଇଛି।

ନାକରେ ଦିଆଯିବ....

ସ୍ୱଦେଶୀ ଟିକା କୋଭାକ୍ସିନ ପ୍ରସ୍ତୁତ କରିଥିବା ହାଇଦ୍ରାବାଦ ସ୍ଥିତ ଭାରତ ବାୟୋଟେକ୍ କମ୍ପାନି ଗତମାସରେ ଏଥିପାଇଁ ଅନୁମତି ଲୋଡିଥିଲା । କମ୍ପାନିର କହିବା ହେଲା ବିବିଭି-୧୫୫୪ ଟିକା ନାକରେ ଦିଆ ଯାଉଥିବାରୁ ଭୂତାଣୁର ସଂକ୍ରମଣକୁ ରୋକିବାରେ ଅଧିକ ଫଳପ୍ରଦ ହେବ । ଭାରତ ବାୟୋଟେକ ଦ୍ୱାରା ପ୍ରସ୍ତୁତ ଇଂଟ୍ରାନାଜାଲ ଟିକା ବୁଷ୍ଟର ଡୋଜ୍ ଭାବେ ବେଶ ପ୍ରଭାବୀ ହୋଇପାରିବ । ନାକରେ ଦିଆଯାଉଥିବାରୁ ଏଥିପାଇଁ ଛୁଂଚି ଓ ସିରିଞ୍ଜର ଆବଶ୍ୟକ ନାହିଁ । ପିଲାରୁ ବୟସ୍କ ସବୁ ବୟସ ବର୍ଗଙ୍କୁ ଅତି ସହଜରେ ଟିକା ଦିଆଯାଇପାରିବ । ଅଳ୍ପ ସମୟରେ ଅଧିକ ଲୋକଙ୍କୁ ମଧ୍ୟ ଟିକା ଦେଇ ହେବ । କରୋନା ଭୂତାଣୁର ନୂଆ ପ୍ରକାର ଓମିକ୍ରନ୍ ଯୋଗୁଁ ସାରାବିଶ୍ୱରେ ସଂକ୍ରମଣ ହାର ଅଧିକ ରହିଥିବାବେଳେ ଭାରତରେ ନିର୍ମିତ ଏହି ଟିକା ସାରାବିଶ୍ୱ ପାଇଁ ଉପଯୋଗୀ ହୋଇପାରିବ । କାରଣ ଅଳ୍ପ ସମୟରେ ସମୂହ ଟିକାକରଣରେ ସହାୟକ ହେବ ନାକରେ ଦିଆଯାଉଥିବା ବିବିଭି-୧୫୫୪ ଟିକା । ଡଜନରୁ ଅଧିକ କମ୍ପାନି ଏହିଭଳି ଟିକାର ବିକାଶରେ ଲାଗିଥିବାବେଳେ ଭାରତରେ ପ୍ରଥମେ ଏଭଳି ଟିକା ଉପଲବ୍ଧ ହେବାକୁ ଯାଉଛି । ଯାହା ଦେଶପାଇଁ ଏକ ବଡ ଉପଲବ୍ଧି । କରୋନାର ଦୁଇଟି ଡୋଜ୍ ଟିକା ନେଇଥିବା ବ୍ୟକ୍ତିଙ୍କୁ ବୁଷ୍ଟର ଡୋଜ୍ ଭାବେ ଏହି ଟିକା ଦିଆଯାଇ ପାରିବ ।

ରାହୁଲ ଗାନ୍ଧୀଙ୍କ ବୟାନକୁ ଆମେରିକାର....

ଯାହାକୁ ନେଇ ଏବେ ଦେଶଠୁ ଆରମ୍ଭ କରି ବିଦେଶରୁ ଆସୁଛି ପ୍ରତିକ୍ରିୟା । ଆମେରିକା ବୈଦେଶିକମନ୍ତ୍ରାଳୟ ରାହୁଲଙ୍କ ବୟାନକୁ ନେଇ ନିଜର ଜବାବ ରଖିଛି । ଆମେରିକା ବୈଦେଶିକମନ୍ତ୍ରାଳୟ ମୁଖପାତ୍ର ନେଡ ପ୍ରାଇସ କହିଛନ୍ତି କି ଚୀନ ପାକିସ୍ତାନ ପରସ୍ପର ନିକଟତର ହେବା ପଛରେ ଭାରତ ସରକାଙ୍କ ବିଫଳତା ବୋଲି ରାହୁଲ ଯେଉଁ ବୟାନ ଦେଇଛନ୍ତି ତାକୁ ଗ୍ରହଣ କରୁନି ଆମେରିକା । ଏଥିସହ ନେଡ ପ୍ରାଇଜ କହିଛନ୍ତି କଣ ପାଇଁ ଚୀନ, ପାକିସ୍ତାନର ସର୍ମ୍ପକ ନିବିଡ ହୋଇଛି,ସେମାନଙ୍କ ଏହା ବ୍ୟକ୍ତିଗତ ରଣନୀତି ।

ଚଳିତମାସ ୨୫ରେ ରିଲିଜ ହେବ....

ଶାନ୍ତନୁ ମାହେଶ୍ୱରୀ, ବିଜୟ ରାଜ, ଇନ୍ଦିରା ତିୱାରୀ, ବରୁଣ କପୁରଙ୍କ ପ୍ରମୁଖ ଭୂମିକାରେ ଅଭିନୟ ରହିଛି । ଏହି ବଲିଉଡ ବାୟୋପିକ ସିନେମା ପାଇଁ ସଂଚିତ ଓ ଅଙ୍କିତ ବଲହାର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ।ବରିଷ୍ଠ ଔପନାସିକ ହୁସେନ ଜୈଦଙ୍କ ଉପନ୍ୟାସକୁ ନେଇ ଫିଲ୍ମକୁ ପ୍ରସ୍ତୁତ କରାଯାଇଛି ।୨୦୧୯ରୁ ଗଙ୍ଗୁବାଇ କାଠିଆୱାଡିର ସୁଟିଂ ଆରମ୍ଭ ହୋଇ ୨୦୨୦ ଜୁନରେ ଶେଷ ହୋଇଥିଲା । ୨୦୨୦ ଅକ୍ଟୋବର ମାସରେ ରିଲିଜ ପାଇଁ ପ୍ରଯୋଜନା ସଂସ୍ଥା ଯୋଜନା କରିଥିଲେ ସୁଦ୍ଧା କରୋନା ପାଇଁ ରିଲିଜ ଡେଟ ଘୁଚିଂଥିଲା । ତେବେ କରୋନା ସ୍ଥିତି ସ୍ୱାଭାବିକ ହେବା ପରେ ଏବେ ଆଉ ବେଶୀ ଡେରି ନକରି ସଂଜୟ ଲୀଲା ଭଂସାଲି ଫିଲ୍ମର ରିଲିଜ ଘୋଷଣା କରିଛନ୍ତି ।

ଓଡ଼ିଶାକୁ ମିଳିଛି ସର୍ବାଧିକ ଅନୁଦାନ....

ଟଙ୍କା ମଞ୍ଜୁର ହୋଇଛି । ତାଳଚେର-ବିମଳାଗଡ ୧୫୫୪ କିମି ରେଳ ଲାଇନ ପାଇଁ ୨୫୦ କୋଟି ଟଙ୍କା ଦିଆଯାଇଥିବା ବେଳେ ଭଦ୍ରକ–ନିଗୁଣ୍ଡି ତୃତୀୟ ଲାଇନ ପାଇଁ ୩୫୧ କୋଟି ଦିଆଯାଇଛି । ସେହିପରି ଖୋର୍ଦ୍ଧା-ବାରଙ୍ଗ ତୃତୀୟ ଲାଇନ ପାଇଁ ୧୬୪ କୋଟି, ସମ୍ବଲପୁର- ଟିଟିଲାଗଡ ୧୮୨.୧୧ କିମି ରେଳ ଲାଇନ ଦୋହରିକରଣ ପାଇଁ ୯୯ କୋଟି ଟଙ୍କା, ସମ୍ବଲପୁର-ତାଳଚେର ରେଳ ଲାଇନର ଦୋହରିକରଣ ପାଇଁ ୧୭୨ କୋଟି ଟଙ୍କା, ଝାରସୁଗୁଡା-ବିଳାସପୁର ଚତୁର୍ଥ ଲାଇନ ପାଇଁ ୭୧୭ କୋଟି ଟଙ୍କା ଦିଆଯାଇଛି । ଜୟପୁର–ମାଲକାନଗିରି ୧୩୦ କିମି ପାଇଁ ୧୩ କୋଟି ଟଙ୍କା, ଜୟପୁର- ନବରଙ୍ଗପୁର ପାଇଁ ୮୧ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

ଅଗଷ୍ଟରେ ଲଞ୍ଚ ହେବ ....

ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତରରେ ମହାକାଶ ବିଭାଗ ଲୋକସଭାରେ ଏକ ସମୟସୀମା ଜାରି କରିଥିଲା। ଏକ ଲିଖିତ ଉତ୍ତରରେ ମହାକାଶ ବିଭାଗ କହିଛି ଯେ ଚନ୍ଦ୍ରଯାନ-୨ ମିଶନର ଶିକ୍ଷା ଏବଂ ବିଶ୍ୱ ବିଶେଷଜ୍ଞଙ୍କ ପରାମର୍ଶ ଆଧାରରେ ଚନ୍ଦ୍ରଯାନ-୩ ଉପରେ କାର୍ଯ୍ୟ ଚାଲିଛି। ବିଭାଗ ଆହୁରି ମଧ୍ୟ କହିଛି ଯେ, ଏହା ଆବଶ୍ୟକ ପରୀକ୍ଷା ସମାପ୍ତ କରିଛି ଏବଂ ଅଗଷ୍ଟ ୨୦୨୨ ରେ ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଛି। ମିଶନରେ କ୍ରମାଗତ ବିଳମ୍ବର କାରଣ ଉପରେ ପ୍ରଶ୍ନର ଉତ୍ତର ଦେଇ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି ଯେ ସିଓଭିଆଇଡି-୧୯ ମହାମାରୀ ହେତୁ ଅନେକ ଚାଲୁଥିବା ମିଶନ ପ୍ରଭାବିତ ହୋଇଛି। ଲୋକସଭାରେ ଏକ ଲିଖିତ ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ମହାକାଶ କ୍ଷେତ୍ରର ସଂସ୍କାର ଏବଂ ନୂତନ ଭାବେ ପ୍ରବର୍ତ୍ତିତ ଚାହିଦା ଚାଳିତ ମଡେଲର ପୃଷ୍ଠଭୂମିରେ ପ୍ରକଳ୍ପଗୁଡ଼ିକର ପ୍ରାଥମିକତା ସ୍ଥିର କରାଯାଇଛି । ଚନ୍ଦ୍ରଯାନ-୩ ମିଶନ ୨୦୨୧ ରେ ଆରମ୍ଭ ହେବାର ଥିଲା, କିନ୍ତୁ ମହାମାରୀ ହେତୁ ବିଳମ୍ବ ହୋଇଛି । କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି ଯେ, କୋଭିଡ୍-୧୯ ଯୋଗୁଁ ଚାଲିଥିବା କେତେ ଗୁଡ଼ିଏ ଅଭିଯାନ ପ୍ରଭାବିତ ହୋଇଛି। ବିଳମ୍ବ ପରେ ପୂରା ଦମ୍‌ରେ କାର୍ଯ୍ୟ ଚଳାଇଥିବା 'ଇସ୍ରୋ' ୨୦୨୨ରେ ସମୁଦାୟ ୧୯ଟି ଉତ୍?କ୍ଷେପଣ କରିବାକୁ ଯୋଜନା ମଧ୍ୟ କରିଛି।

ପାଗଳିର ଉନ୍ମତ କାଣ୍ଡ !

ନୀଳଗିରି, ୦୩/୦୨ (ନି.ପ୍ର): ଗୁରୁବାର ଦିନ ପ୍ରାୟ ୧ଟା ସମୟରେ ନୀଳଗିରି ମେଡିକାଲ ଛକ ଠାରେ ଥିବା ନବୀନ ପଟ୍ଟନାୟକଙ୍କ ହୋଡ଼ିଂ ଉପରକୁ ଏକ ପାଗିଳି ଚଢ଼ିଯାଇ ଖେଳ ଖେଳୁଥିବାର ଦେଖିବାକୁ ମିଳିଥିଲା । ପାଗିଳିଟି ହୋଡ଼ିରୁ ତଳକୁ ଓହ୍ଲାଇ ପାରୁ ନ ଥିବା ବେଳେ ତା'ର ଦୃଶ୍ୟକୁ ଦେଖିବାକୁ ମେଡିକାଲଛକ ଲୋକାରଣ୍ୟ ହୋଇ ପଡ଼ିଥିଲା । ପାଗିଳି ଜଣକ କାଳେ ତଳକୁ ଖସିପଡ଼ି ଅଘଟଣ ଘଟିବାର ଆଶଙ୍କାକୁ ନେଇ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ହୋଡ଼ିଂ ଉପରୁ ପାଗିଳିକୁ ଉଦ୍ଧାର କରିବା ପାଇଁ ୧ଘଂଟା ଧରି ରଣକୌଶଳ ଜାରି ରଖିଥିଲେ । ଶେଷରେ ଅଗ୍ନିଶମ ବାହିନୀ କୌଶଳ କରି ପାଗିଳିଟିକୁ ଉଦ୍ଧାର କରି ତଳକୁ ଆଣିଥିଲେ । ଏପରି ଦୃଶ୍ୟ ପ୍ରାୟ ୨ଘଂଟା ଧରି ଚାଲିଥିବାର ଦେଖିବାକୁ ମିଳିଥିଲା ।

ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

ଖଇରା,୦୩/୦୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ପଞ୍ଚାୟତର ମହତୀପୁର ଛାକ ନିକଟରେ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇ ଯାଇଛି। ଭାଜପା ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ଏହି କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଜିଲା ପରିଷଦ ପ୍ରାର୍ଥୀ ରାଜେଶ କୁମାର ରାଉତ,ଦଳ ସମର୍ଥୀତ ସରପଞ୍ଚ ପ୍ରାର୍ଥୀନୀ ଉର୍ବଶୀ ରାଉଳ,ସମିତି ସଭ୍ୟା ପ୍ରାର୍ଥିନୀ ରିନାଲିସା ସେଠୀଙ୍କ ସମେତ ଭାଜପା କର୍ମୀ ପୂର୍ଣ୍ଣଚନ୍ଦ୍ର ଦାସ, ଦେବାଶିଷ ରାଉଳ, କମଳାକାନ୍ତ ରଉଳ, ମଧୁସୁଦନ ସେଠୀ, ଶାନ୍ତନୁ ମହାପାତ୍ର, ମୃତ୍ୟୁଞ୍ଜୟ ପାତ୍ର, ବନମାଳୀ ଦାସ, ଗୌତମ ମୁଖୀ, ପଦ୍ମଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ମିଲରଙ୍କ ମନମୁଖୀ କାର୍ଯ୍ୟ, ଅସନ୍ତୋଷ ଚାଷୀ

ଲଙ୍ଗଳେଶ୍ୱର, ୦୩/୦୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ସମବାୟ ସମିତି ର ଧାନ ଦେବାକୁ ଯାଇ ଚାଷୀମାନେ ହଇରାଣ ହେଉଛନ୍ତି। ବିଶେଷକରି ମିଲର ମାନଙ୍କ ମାନମୁଖୀ କାର୍ଯ୍ୟ ପାଇଁ ଏଭଳି ପରିସ୍ଥିତି ହେଉଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଆଗ ଆସିଥିବା ଧାନ ଆଗ ନିଆଯିବ, ସମିତିର ସମ୍ପାଦକ ନିୟମ କରିବା ପରେ ଚାଷୀ ରାତି ଥାଉଁ ଥାଉଁ ଧାନ ଆଣି ରଖୁଛନ୍ତି। କିନ୍ତୁ ମିଲର ମାନେ ମାନମୁଖୀ ଭାବେ ଗାଡି ପହଞ୍ଚେଇବା ଦ୍ୱାରା ଲୋକେ ରାତିରୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରି ବହୁ ହଇରାଣ ହରକତ ହେଉଛନ୍ତି। ବାଲେଶ୍ୱର ର ବାସୁଦେବ ରାଇସ ମିଲ, ନିତ୍ୟାନନ୍ଦ ରାଇସମିଲ ଏବଂ ଶଙ୍କର ରାଇସମିଲ ଏଠାରୁ ଧାନ ନେବାକୁ ଚୁକ୍ତି କରିଛନ୍ତି। ଏହାବ୍ୟତୀତ ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି କୁ ଧାନର ମାନ ନିର୍ଦ୍ଧାରଣ ପାଇଁ ନିଯୁକ୍ତି ଦେଇଥିଲେ ହେ ସେମାନେ ମିଲର ଓ ବିଭାଗୀୟ ଅଧିକରିଙ୍କ ମଧ୍ୟଚନ୍ଦ୍ରିକରେ କୁଇଣ୍ଟାଲ ପ୍ରତି ପାଞ୍ଚ ରୁ ଦଶ କେଜି ଲେଖାଏଁ ବାଦ ଦେଉଛନ୍ତି ।ଯଦିଓ ସରକାର କହୁଛନ୍ତି ଚାଷୀଙ୍କ ଧାନର କଟନୀ ଛାଟନୀ ବନ୍ଦ, କିନ୍ତୁ ଏଠାରେ ଶୋଷଣ ଚାଲିଛି । ସକାଳ ଠାରୁ ଚାଷୀ, କର୍ମଚାରୀ ମାନ ନିର୍ଧାଣ କରି ଉପସ୍ଥିତ ଥିଲେ ହେଁ। ମିଲର ମାନେ ବହୁ ବିଳମ୍ବରେ ପହଁଚିବା ଅସହ୍ୟ ହୋଇପଡିଛି। ବ୍ୟାଗ ର ମୂଲ୍ୟ ଚାଷୀଙ୍କୁ ଦେବାର ଥିଲେ ହେଁ ଏ ବାବଦରେ ଗୋଟିଏ ବି ଟଙ୍କା ଚାଷୀଙ୍କୁ ମିଳୁନି। ଏ ବାବଦରେ ସମିତିର ସମ୍ପାଦକ ଜ୍ୟୋତିଶଙ୍କର ଭୂୟାଁକୁ ପଚାରିବାରୁ ସେ କହିଲେ ମୁଁ ଏବଂ ମୋର କର୍ମଚାରୀ ଠିକ ସମୟରେ ପହଞ୍ଚି ଲୋକଙ୍କୁ ସହଯୋଗ କରୁଚୁ, କେବଳ ମିଲର ମନଙ୍କ ଅବହେଳା ପାଇଁ ଏଭଳି ଅପ୍ରୀତିକର ଅସୁବିଧା ସୃଷ୍ଟି ହେଉଛି। ଚାଷୀଙ୍କୁ ଉପଯୁକ୍ତ ସେବା ନ ମିଳିଲେ ରାଜରାସ୍ତା କୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି।

ରତେଇରେ ବିଜେଡିର ନିର୍ବାଚନୀ ବୈଠକ

ଲଙ୍ଗଳେଶ୍ୱର,୦୩/୦୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ରତେଇ ଗ୍ରାମ ପଞ୍ଚାୟତରେ ବିଜେଡ଼ିର ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା ବିଜେଡିର କାର୍ଯ୍ୟକାରି ସଭାପତି ସୁବାସିନୀ ଜେନା ଯୋଗଦେଇ ଦଳୀୟସରପଞ୍ଚ, ସମିତି ସଭ୍ୟ ୱାର୍ଡମେମ୍ବର ପ୍ରାର୍ଥୀ ମାନଙ୍କୁ ଜିତେଇବା ପାଇଁ ଆଲୋଚନା କରିବା ସହିତଗୁରୁମନ୍ତ୍ର ଦେଇଥିଲେ । ଏହି ବୈଠକରେ ବସ୍ତା ନିର୍ବାଚନମଣ୍ଡଳୀର ଦଳୀୟ

ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ରଞ୍ଜିତ ମହାପାତ୍ର, ଜିଲ୍ଲା ପରିଷଦ ଜୋନ ନଂ ୨୨ର ଦଳୀୟ ପ୍ରାର୍ଥୀ ଶ୍ରୀଯୁକ୍ତ ନିଶାକର ସେଠୀ, ରତେଇ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀନୀ ବନ୍ଦିତା ପାଢ଼ୀ , ସମିତି

ବାଲେଶ୍ୱର, ଶୁକ୍ରବାର, ୦୪ ଫେବୃଆରୀ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ସ୍ୱେଚ୍ଛାଚାରୀ ଶାସନ ହେବାକୁ ଦେବୁ ନାହିଁ : ହରିପ୍ରିୟା

ଉଦଳା, ୦୩/୦୨ (ନି.ପ୍ର): ପଞ୍ଚାୟତ ନିର୍ବାଚନ ପାଇଁ ମୟୂରଭଞ୍ଜ ଜିଲ୍ଲା ବେଶ ଚଳ ଚଞ୍ଚଳ ହୋଇ ଉଠୁଥିବା ବେଳେ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ତରଫରୁ ଲୋକଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ପ୍ରକାର ଉଦ୍ୟମ ଜାରି ରହିଛି । ଅତିତରେ ମୟୂରଭଞ୍ଜ ଜିଲ୍ଲାରେ ଯେଉଁ ମହିଳା ସରପଞ୍ଚ ଓ ସମିତି ସଦସ୍ୟ ମାନେ ନିର୍ବାଚନରେ ଜିତୁଥିଲେ ପରେ ତାଙ୍କର ଆସନଟି ତାଙ୍କର ସ୍ୱାମୀଙ୍କ କବଜାରେ ରହୁଥିଲା । ଏହାକୁ କେନ୍ଦ୍ର କରି ବିଭିନ୍ନ ସମୟରେ ମୟୂରଭଞ୍ଜ ବାସୀଙ୍କୁ ସର୍ବସାଧାରଣରେ ଲଜିତ ଓ ଅପମାନିତ ହେବାକୁ ପଡୁଥିଲା । ଏଥିରେ ପ୍ରତିକ୍ରୀୟା ପ୍ରକାଶ କରି ଜଣେ ପୁର୍ବତନ ସମିତି ସଦସ୍ୟ ତଥା ଜନଜାଗୃତି ମଞ୍ଚର ଜଣେ ସ୍ୱେଚ୍ଛାସେବୀ ହରିପ୍ରିୟା କହିଛନ୍ତି, ଯେଉଁ ମହିଳା ମାନଙ୍କର ଦାୟିତ୍ୱ ସମ୍ଭାଳିବାର ଦକ୍ଷତା ନାହିଁ ସେମାନେ ଦୟାକରି ତାଙ୍କ ନିଜ ଆଡୁ ନିର୍ବାଚନ ନଲଢ଼ି ଓହରି ଯାଆନ୍ତୁ । ସେ ଆହୁରି ମଧ୍ୟ କହିଛନ୍ତି, ଅନେକ ସମୟରେ ଦେଖାଯାଏ ମହିଳା ସରପଞ୍ଚ ମାନଙ୍କର ସ୍ୱାମୀ ମାନେ ବହୁ ଗୁରୁତ୍ୱପୁର୍ଣ୍ଣ କାଗଜପତ୍ର ଉପରେ ତାଙ୍କର ସହଧର୍ମିଣୀଙ୍କର ସ୍ୱାକ୍ଷର ମଧ୍ୟ କରିଥାନ୍ତି । ଏହା ଏକ ବେଆଇନ କାର୍ଯ୍ୟ ସହିତ ଅପରାଧ ଅଟେ । ମୋଟାମୋଟି ଭାବରେ ମହିଳା ମାନଙ୍କ ପାଇଁ ସଂରକ୍ଷିତ ଆସନଟିକୁ ପୁଣିଥରେ ପୁରୁଷ ଲୋକଙ୍କ ହାତକୁ ଟେକିଦେଲା ଭଳି ହୋଇଥାଏ । ଖାଲି ସେତିକି ନୁହେଁ ନିର୍ବାଚନରେ ଲଢୁଥିବା ବହୁ ମହିଳା ପାର୍ଥି ବର୍ତ୍ତମାନ ନିଶାଦ୍ରବ୍ୟ ସେବନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ନିଶା ସେବନ କରି ରାସ୍ତାରେ ଗଡୁଥିବା ମହିଳା ପାର୍ଥି ନିର୍ବାଚନରେ ଜିତିଲେ ଆମ ଗାଁକୁ ସେ ନିଶାମୁକ୍ତ ଗାଁ ବୋଲି ଘୋଷଣା କରିପାରିବେ କି ନାହିଁ ବୋଲି ହରିପ୍ରିୟା ପ୍ରଶ୍ନ କରିଛନ୍ତି । ମହାତ୍ମାଗାନ୍ଧି ଗାଁକୁ ନିଶାମୁକ୍ତ କରି ଗଢ଼ି ତୋଳିବାର ସ୍ୱପ୍ନ ଦେଖୁଥିଲେ ବୋଲି ସେ କହିଛନ୍ତି । ନିଜର କ୍ଷମତାକୁ ସ୍ୱାମୀଙ୍କ ହାତକୁ ଟେକି ଦେଉଥିବା ଓ ନିଜେ ନିଶା ସେବନ କରି ରାସ୍ତାରେ ଗଡୁଥିବା ମହିଳା ପ୍ରାର୍ଥି ମାନଙ୍କୁ ଆଦୌ ଭୋଟ ନଦେବା ପାଇଁ ସ୍ୱେଚ୍ଛାସେବୀ ହରିପ୍ରିୟା ସଚେତନତାର ବାର୍ତ୍ତା ବାଣ୍ଟି ଚାଲିଛନ୍ତି । ହରିପ୍ରିୟାଙ୍କର ଏତାଦୃଶ କାର୍ଯ୍ୟକଳାପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଶେଷରେ ହରିପ୍ରିୟାଙ୍କୁ ଆପଣ କେବଳ ମହିଳା ମାନଙ୍କ କଥା କାହିଁକି କହୁଛନ୍ତି ବୋଲି ପଚାରିବାରୁ ସେ ଉତ୍ତରରେ କହିଲେ ମୁଁ ନିଜେ ଜଣେ ଆଦିବାସୀ ମହିଳା ଅଟେ ତେଣୁ କହିଲି ।

କଣ୍ଠଶିଳ୍ପୀ ସୁସ୍ମିତା ଦାସଙ୍କ ନୂଆ ଗୀତ 'ଜହ୍ନ ଗୋଟେ ମିଠା ବିସ୍କୁଟ'

ଭୁବନେଶ୍ୱର, ୦୩/୦୨ (ନି.ପ୍ର): ଆମ ଟିଭି ମ୍ୟୁଜିକ୍‌ର 'ଜହ୍ନ ଗୋଟେ ମିଠା ବିସ୍କୁଟ' ସୁଟିଂ ଚାଲିଛି । ଶିରିଡି ସାଇ ବାବା ମୁଭିଜ୍ ନିବେଦିତ ଆମ ଟିଭି ମ୍ୟୁଜିକ ପ୍ରଯୋଜିତ ନୂଆ ଓଡ଼ିଆ ମ୍ୟୁଜିକ ଭିଡିଓ 'ଜହ୍ନ ଗୋଟେ ମିଠା ବିସ୍କୁଟ' ଭୁବନେଶ୍ୱର ସ୍ଥିତ ଗିଫ୍ଟ ଇଞ୍ଜିନିୟରିଂ କଲେଜ ପରିସରରେ ସୁଟିଂ ଚାଲିଛି । ମ୍ୟୁଜିକ ଭିଡିଓ ଟି ଆମଟିଭି ମ୍ୟୁଜିକ ୟୁଟୁବ୍ ଚ୍ୟାନେଲ ରେ ଫେବୃଆରୀ ୧୪ ଭାଲେନ୍ଟାଇନ୍ ଡେ ଅବସରରେ ମୁକ୍ତିଲାଭ କରିବ । ପ୍ରେମ ଆଉ ପ୍ରତାରଣାର ଏକ ନିଛକ କାହାଣୀକୁ ନେଇ ମ୍ୟୁଜିକ ଭିଡିଓ ର କାହାଣୀ ଟି ଗତିଶୀଳ । 'ଜହ୍ନ ଗୋଟେ ମିଠା ବିସ୍କୁଟ'ର ଗୀତ ରଚନା କରିଛନ୍ତି ଚିର ସବୁଜ ଗୀତିକାର ଦେବଦାସ ଛୋଟରାୟ, କଣ୍ଠଦାନ କରିଛନ୍ତି ସୁସ୍ମିତା ଦାସ ଓ ସଂଗୀତ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଓମ୍ ପ୍ରକାଶ ମହାନ୍ତି । ଅଭିନୟରେ ଅଛନ୍ତି ଅନେକ ସୁପରହିଟ୍ ମ୍ୟୁଜିକ ଭିଡିଓ ଓ ଚଳଚ୍ଚିତ୍ର ରେ ଅଭିନୟ କରିଥିବା ଅଭିନେତା ଅଭିଷେକ ଗିରି ଓ ଅଭିନେତ୍ରୀ ଜସ୍ମୀନ୍ ରଥ । ନିର୍ଦ୍ଦେଶନା ଦେଇଛନ୍ତି ରାଜେନ୍ଦ୍ର ମହାନ୍ତ ଓ ପ୍ରଯୋଜନା କରୁଛନ୍ତି ପ୍ରଣୟ ଜେଠୀ । ଚିତ୍ରୋତ୍ତଳନ କରିଛନ୍ତି ସୈ।ମ୍ୟରାଜ ନାୟକ ଓ ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ଭରତ ପ୍ରଧାନ । ସ୍ଥିର ଚିତ୍ର ଉତ୍ତୋଳନ ବିକାଶ ସାହୁ, କଳା ନିର୍ଦ୍ଦେଶନା ଦାୟିତ୍ୱରେ ଲିଙ୍କନ୍ ଓ ସହଯୋଗୀ ପ୍ରଡକ୍ସନ ମ୍ୟାନେଜର ଭାବେ ଜ୍ୟୋତି ରଞ୍ଜନ ତ୍ରିପାଠୀ ଭାବେ କାର୍ଯ୍ୟ କରିଛନ୍ତି ।

ନେତାଜୀ ଷ୍ଟାଡିୟମ୍‌ରେ ନବଜ୍ୟୋତି କ୍ଲବର କ୍ରିକେଟ ଟୁର୍ଣ୍ଣାମେଣ୍ଟଉଦ୍‌ଘାଟିତ

ଜଳେଶ୍ୱର, ୩/୨(ନିପ୍ର) : ଜଳେଶ୍ୱର ସହରାଞ୍ଚଳର ଶାନ୍ତିଆସ୍ଥିତ ନେତାଜୀ ଷ୍ଟାଡିୟମରେ ନବଜ୍ୟୋତି କ୍ଲବ ପକ୍ଷରୁ ସବୁବର୍ଷପରି ଚଳିତବର୍ଷ ମଧ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ଆଜି ଉଦ୍‌ଘାଟନୀ ମ୍ୟାଚ୍‌ରେ ବାଲେଶ୍ୱରର ସହଦେବଖୁଣ୍ଟା ଏକାଦଶ ମୟୂରଭଂଜର ବେତନଟୀ ଏକାଦଶକୁ ଭେଟିଥିଲେ । ଏଥିରେ ସହଦେବଖୁଣ୍ଟା ଏକାଦଶ ବିଜୟ ଲାଭ କରିଥିଲା । ସହଦେବଖୁଣ୍ଟା ଏକାଦଶ ଟସ୍ ଜିଣି ବୋଲିଂର ନିଷ୍ପତ୍ତି ନେଇଥିଲେ । ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ବିନିମୟରେ ତେନଟି ଦଳ୧୧୩ ରନ୍ ସଂଗ୍ରହ କରିଥିଲେ । ଜବାବ୍‌ରେ ସହଦେବଖୁଣ୍ଟା ୭ ଓଭରରେ ୬ ଉଇକେଟ ହରାଇ ୧୧୪ ରନ୍ ସଂଗ୍ରହ କରି ବିଜୟଲାଭ କରିଥିଲେ । ୨ୟ ପାଳିରେ କେଶପୁରା ୧୧ଷ୍ଟାର ସହିତ ବସ୍ତା ଏକାଦଶ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ନବଜ୍ୟୋତି କ୍ଲବର ସଭାପତି ବେନୁ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଗ୍ରାମ୍ୟ ମୁଖ୍ୟ ସିତାଂଶୁ ସେଖର ସେନାପତି ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଭାବେ ଗିରିଜା ଶଂକର ଦାସ ଓ ସୁବ୍ରତ ବ୍ରହ୍ମ ଯୋଗ ଦେଇଥିଲେ । ସଂପାଦକ ଶିଶିର କୁମାର ବ୍ରହ୍ମ ସ୍ୱାଗତ ଓ ସୂଚନା ପ୍ରଦାନ କରିଥିଲେ ।

ନିର୍ବାଚନରେ ନିୟୋଜିତ ସରକାରୀ ଅଧିକାରୀ-କର୍ମଚାରୀଙ୍କୁ କୋଭିଡ ଟିକା

ବାଲେଶ୍ୱର,୦୩/୦୨ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିୟୋଜିତ ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରାକ ସାବଧାନତା କୋଭିଡ ଟିକା ପାନ (ପ୍ରିକସନାରୀ ଡୋଜ) ପ୍ରଦାନ ଆରମ୍ଭ ହୋଇଛି । ଏନେଇ ସଦର ମହକୁମା ସମେତ ଜିଲାର ମୋଟ ୩୭ ଟି କେନ୍ଦ୍ରରେ ଟିକା ପ୍ରଦାନ ଆରମ୍ଭ ହୋଇଛି । ପଞ୍ଚାୟତ ନିର୍ବାଚନରେ ନିୟୋଜିତ ବାବଦୀୟ ଆଦେଶପତ୍ର ପାଇଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଟିକା ଦିଆଯାଉଛି । ସ୍ୱତନ୍ତ୍ର କେନ୍ଦ୍ର ବ୍ୟତୀତ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦ୍ରରେ ଏହି ଟିକା ଉପଲବ୍ଧ ହେଉଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ ଜଗଦେବ କହିଛନ୍ତି । ମୋଟ ୫,୫୦୦ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ଟିକା ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବା ସେ ସୂଚନା ଦେଇଛନ୍ତି । ସକାଳ ୯ଘଟିକାରୁ ସନ୍ଧ୍ୟା ୫ଘଟିକା ପର୍ଯ୍ୟନ୍ତ ଟିକାଦାନ ବ୍ୟବସ୍ଥା କରାଯାଇଛି ।

'ଶୋଭା' ତରଫରୁ ସ୍ୱଚ୍ଛତା ସାକ୍ଷର କାର୍ଯ୍ୟକ୍ରମ

ଉଦଳା, ୦୩/୦୨ (ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ବହୁବନ୍ଧ, ନୂଆଗାଁ ଓ ପାଟଶାଣୀପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ସ୍ୱଚ୍ଛତା ଓ ପରିମଳ ସଚେତନତା କାର୍ଯ୍ୟକ୍ରମ ଗତ ଜାନୁଆରୀ ୨୪ ଓ ୨୫ ତାରିଖ ଦୁଇଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ସଂଗଠନ 'ଶୋଭା' ଦ୍ୱାରା ସ୍ୱଚ୍ଛତା ଓ ପରିମଳ ସମ୍ପର୍କିତ ସଚେତନତା ଭିଡ଼ିଓ ପ୍ରଦର୍ଶନ କରି ଗ୍ରାମବାସୀ ମାନଙ୍କୁ ସୁସ୍ଥ ଜୀବନ ବିଷୟରେ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ନାବାର୍ଡ଼ର ଡ଼ିଡ଼ିଏମ୍ ସ୍ମୃତି ରଂଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନିଜକୁ ସୁସ୍ଥ ରଖିବା ପାଇଁ ସ୍ୱଚ୍ଛତା ଓ ପରିମଳ ପରିଚାଳନା ବର୍ତ୍ତମାନ କିପରି ଜରୁରୀ ହୋଇ ପଡ଼ିଛି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉଦଳା ଆର.ଡ଼ବ୍ଲୁ.ଏସ୍.ଏସ୍.ର ଯନ୍ତ୍ରୀ ହୃଦାନନ୍ଦ ବେହେରା, ଶୋଭାର କର୍ମକର୍ତ୍ତା ରମାକାନ୍ତ , ଜୟନ୍ତ ନରେଶ ଓ ଅରବିନ୍ଦ କହିଲେ ଯେଉଁ ଦେଶ ପରିମଳ ପରିଚାଳନାରେ ଯେତେ ଆଗୁଆ ସେ ଦେଶ ଉନ୍ନତ ଦେଶ ବୋଲି ବିବେଚିତ ହୋଇଥାଏ । ଶୋଭାର ସଂପାଦକ ରଂଜନ କୁମାର ମିଶ୍ର ମଞ୍ଚ ପରିଚାଳନା ସହିତ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସତ୍ୟବ୍ରତ, ବିଦ୍ୟାଧର, ମାନଓ, ପ୍ରୀୟବ୍ରତ , ପ୍ରଭା, ପ୍ରମୋଦିନି ଓ କେଶବ ସହଯୋଗ କରିଥିଲେ ।

୨୯ ନଂ ଜିଲ୍ଲା ପରିଷଦ ଜୋନରେ ବିଜେଡିର ପ୍ରଚାର ଜୋରଦାର

ବାଲେଶ୍ୱର,୦୩/୦୨ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର ମଇଦାନରେ ଏବେ ପ୍ରାର୍ଥୀଙ୍କ ସମେତ ନେତା ଓ ସମର୍ଥକଙ୍କ ଗହଳି ଲାଗିଛି । କେଉଁଠି ପ୍ରାର୍ଥୀ ଓ ସମର୍ଥକମାନେ ଡୋର କ୍ୟାମ୍ପେନିଂ କରୁଛନ୍ତି ତ ପୁଣି କେଉଁଠି ନେତାମାନେ କର୍ମୀ ସମ୍ମିଳନୀ କରି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ଉଦ୍ୟମ ଜାରି ରଖିଛନ୍ତି । ତେବେ ସରପଞ୍ଚ ଓ ସମିତି ସଭ୍ୟ ଅପେକ୍ଷା ନେତାମାନେ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀଙ୍କ ବିଜୟକୁ ବିଶେଷ ଗୁରୁତ୍ୱ ଦେଉଥିବା ଲକ୍ଷ୍ୟ କରାଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ୨୯ ନଂ ଜିଲା ପରିଷଦ ଜୋନରେ ବିଜେଡି ପକ୍ଷରୁ ପ୍ରଚାର ଜୋରଦାର ଚାଲିଥିବା ଦେଖାଯାଇଛି । ୨୦୧୭ ନିର୍ବାଚନରେ ଏହି ଜୋନ ବିଜେପି ଦଖଲରେ ଥିବା ବେଳେ ଏଥର ବିଜେଡି ଏହାକୁ ଅକ୍ତିଆର ପାଇଁ ଆଣଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛି । ଚଳିତ ନିର୍ବାଚନରେ ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଏହି ଜୋନ ପାଇଁ ବିଜେଡି ପକ୍ଷରୁ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ହୋଇଛନ୍ତି । ସଦର ବିଧାୟକ ସ୍ୱରୂପ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଠାରେ ଏବେ ଦଳ ପକ୍ଷରୁ ପ୍ରଚାର ଚାଲିଛି । ଏନେଇ ବାହାବଳପୁର ପଞ୍ଚାୟତରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଦର ବିଧାୟକ ଶ୍ରୀ ଦାସ ଏଥିରେ ଯୋଗଦେଇ ଦୀୟ ପ୍ରାର୍ଥୀ ଶ୍ରୀ ପ୍ରଧାନଙ୍କ ବିଜୟ ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶହ ଶହ ଲୋକାଭିମୁଖୀ ଯୋଜନା ବାବଦରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ଦଳୀୟ ଜିଲା ପରିଷଦ ପ୍ରାର୍ଥୀ ଶ୍ରୀ ପ୍ରଧାନଙ୍କ ସମେତ ଦଳୀୟ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ଼ମେମ୍ବର୦ଙ୍କୁ ବିପୁଳ ଭୋଟରେ ଜତାଇବାକୁ ସେ କହିଥିଲେ ।

ଦୀନକୃଷ୍ଣ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ କାର୍ଯ୍ୟଭାର ଗ୍ରହଣ

ଜଳେଶ୍ୱର ୩/୨(ନିପ୍ର) : ଉତ୍ତର ବାଲେଶ୍ୱରର ସର୍ବପୁରାତନ ଦୀନକୃଷ୍ଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ରାଉତ ଗତ ୩୧ ତାରିଖରେ ଅବସର ଗ୍ରହଣ କରିଛନ୍ତି । ଫଳରେ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ସୁରେନ୍ଦ୍ର ପଣ୍ଡାଙ୍କ ୪୨୧୦ ତା ୩-୨-୨୨ ଅନୁଯାୟୀ ସେହି କଲେଜର ଇତିହାସ ବିଭାଗର ମୁଖ୍ୟଭାବେ କାର୍ଯ୍ୟ ତୁଲାଉଥିବା ରାଧାରଂଜନ ସେନାପତିଙ୍କୁ ଅଧ୍ୟକ୍ଷଭାବେ ଅବସ୍ଥାପିତ କରାଯାଇଛି । ସେ ଜଣେ ମେଳାପି, ଛାତ୍ରବତ୍ସଳ, ମିଷ୍ଟଭାଷୀ, ସୁସଂଗଠକ ଓ ଦୃଢ ପ୍ରଶାସକଭାବେ ପରିଚିତ । ୧୯୮୬ ମସିହାରୁ ରାଇବଣିଆର ସାଧୁଚରଣ ମହାବିଦ୍ୟାଳୟରେ ପ୍ରଥମେ ଅଧ୍ୟାପକ ଓ ପରେ ଅଧ୍ୟକ୍ଷଭାବେ କାର୍ଯ୍ୟ ତୁଲାଇଥିଲେ । ୨୦୧୫ ମସିହାରେ ଦୀନକୃଷ୍ଣ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟକରି ଆସୁଥିଲେ ।

+୪ରୁ ଖୋଲିବ ଜିଲ୍ଲାର ସମସ୍ତ ଧର୍ମୀୟ ଅନୁଷ୍ଠାନ

ବାଲେଶ୍ୱର,୦୩/୦୨ (ନି.ପ୍ର): ପ୍ରଶାସନ ପକ୍ଷରୁ ଜିଲାରେ ଧର୍ମାନୁଷ୍ଠାନ ଖୋଲାଯିବା ସମ୍ପର୍କିତ ଏକ ବୈଠକସ୍ଥାନୀୟ ସଦଭାବନା ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଧର୍ମୀୟ ଅନୁଷ୍ଠାନ ଯଥା ମନ୍ଦିର, ମସଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଇତ୍ୟାଦିର ପ୍ରତିନିଧିମାନଙ୍କ ସହ ଆଲୋଚନା କରାଯାଇଥିଲା । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଗତ ମାସରେ ଧର୍ମାନୁଷ୍ଠାନଗୁଡିକୁ ଜନସାଧାରଣଙ୍କ ଦର୍ଶନ ନିମନ୍ତେ ବନ୍ଦ ରଖାଯାଇଥିଲା । କେବଳ ବିଧି-ବିଧାନ ଓ ନୀତିକାନ୍ତି ପାଇଁ ସୀମିତ ସଂଖ୍ୟକ ବ୍ୟକ୍ତିଙ୍କୁ ପ୍ରବେଶ ଅନୁମତି ଦିଆଯାଇଥିଲା । ଏବେ ସଂକ୍ରମଣ ହ୍ରାସ ପାଉଥିବାରୁ କିଛି କଟକଣା ସହିତ ଜନସାଧାରଣଙ୍କ ପାଇଁ ଆସନ୍ତା ଫେବୃଆରୀ ୪ତାରିଖରୁ ଧର୍ମାନୁଷ୍ଠାନଗୁଡିକୁ ଖୋଲାଯିବା ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଛି । ଜିଲାରେ ଧର୍ମାନୁଷ୍ଠାନଗୁଡିକ ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ନିମନ୍ତେ ଖୋଲା ରହିବ । ତେବେ ଧର୍ମାନୁଷ୍ଠାନକୁ ପ୍ରବେଶ ବେଳେ ଜନସାଧାରଣଙ୍କୁ କୋଭିଡ ନିୟମର ଅନୁପାଳନ କରିବାକୁ ହେବ । ସେମାନେ ନିଶ୍ଚିତ ଭାବେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ବଜାୟ ରଖିବେ । ଧର୍ମାନୁଷ୍ଠାନ ପରିଚାଳନା ଦାୟିତ୍ୱରେ ଥିବା ସଦସ୍ୟମାନଙ୍କୁ ତାହା ସୁନିଶ୍ଚିତ କରିବାକୁ ପଡିବ ।

ରାତି ଅଧିଆ ପଥର, ମାଙ୍କଡା ଓ ମୋରମ ଲୁଟ

ଖଇରା,୦୩/୦୨ (ନି.ପ୍ର): ନିର୍ବାଚନରେ ରାଜସ୍ୱ ଅଧୀକାରୀଙ୍କ ବ୍ୟସ୍ତତାର ସୁଯୋଗ ନେଇ ଏବେ ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡରୁ ପଥର ଓ ମାଟି ପାହାଡ ପାହାଡ ସଂଲଗ୍ନ ସରକାରୀ ଜମିରୁ ମାଙ୍କଡା ଏବଂ ମୋରମ ଚୋରିକୁ ୧୦ଗୁଣ ବଢାଇ ଦେଇଛନ୍ତି । ସୋର-କୁପାରୀ ରାସ୍ତା ଏବଂ କୁପାରୀ-ରାଣିତାଲ ରାସ୍ତାରେ ଧରପଗଡ କୁ ଏଟାଇବାକୁ ବର୍ତ୍ତମାନ ଖଣି ମାଫିଆ ମାନେ କଦଳିଗଡିଆ-କପ୍ତିପଦା ପାହାଡ ରାସ୍ତାରେ ମୟୁରଭଞ୍ଜ ସମେତ ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରୁଛନ୍ତି । ପ୍ରଶାସନ ନିରବ ରହିଲେ ନିର୍ବାଚନ ସରିବା ପୂର୍ବରୁ ପାହାଡ ଶ୍ମସାନ ଭୁଇଁରେ ପରିଣତ ହୋଇଯିବ ବୋଲି ପରିବେଶବିତ ଓ ପ୍ରକୃତିପ୍ରେମୀ ମାନେ ପ୍ରକାଶ କରିଛନ୍ତି । ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶନାମା ପରେ ଉକ୍ତ ପାହାଡରେ ପାଖାପାଖି ୯୭ଟି ଖଣି ରେ ୧୪୪ଧାରା ଲାଗୁ କରାଯାଇଛି । ଖାତାପତ୍ରରେ ବନ୍ଦଥିବା ବେଳେ ୫୦ରୁ ଉର୍ଦ୍ଧ ଖଣି ଚୋରାରେ ଚାଲୁଛି । ଯାହାଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ସେପଟେ ଖଣି ନିଲାମ ପାଇଁ ୩ବର୍ଷ ତଳେ ଆବେଦନ କରିଥିବା ବ୍ୟକ୍ତି ବିଶେଷଙ୍କର କୋଟି କୋଟି ସିକ୍ୟୁରିଟି ଟଙ୍କା ବାକି ପଡିଥିବା ବେଳେ ମାତ୍ର କେତେଜଣ ମୁଣ୍ଡ ଗଣତି ଖଣିମାଲିକ ଚୋରାକାରବାରରେ ଲିପ୍ତ ରହିବା ରେ ବାକି ଆବେଦନକାରୀ ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଯୋଜନା ସାତସପନ : ଭଙ୍ଗା ଦଦରା ଘରେ କଟୁଛି ଲୋକଙ୍କ ଜୀବନ

ବାରିପଦା, ୦୩/୦୨ (ନି.ପ୍ର): ସମାଜର ଅବହେଳିତ ଓ ନିଷ୍ପେସିତ ଲୋକଙ୍କୁ ଥଇଥାନ କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ସରକାରୀ ଯୋଜନା ଗୁଡିକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପାଇଁ ସରକାର ଙ୍କ ପକ୍ଷରୁ ବହୁ ଅଧିକାରୀ ଓ କର୍ମଚାରୀ ନିଯୁକ୍ତ ହୋଇପାଇଥିଲେ ମଧ୍ୟ ଏବଂ ସ୍ଥାନୀୟ ଜନପ୍ରତିନିଧି ମାନେ ଥିବା ବେଳେ ମଧ୍ୟ ସେମାନଙ୍କ ଅବହେଳା ତଥା ଦୂର୍ନିତି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଯୋଜନାର ଲାଭ ପହଂଚି ପାରୁନାହିଁ । ଏଥିପାଇଁ ସରକାର ସମାଲୋଚନାର ପାତ୍ର ହେଉଥିବାର ଲକ୍ଷ୍ୟ କରାଯାଉଛି । ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା ଛାତ ଟିଏ ଯୋଗାଇ ଦେବାର ମିଶନ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟ କରୁଥିବାର ବାହାବା ନେଉଥିବା ବେଳେ, ସ୍ୱାଧୀନତାର ୭୫ ବର୍ଷ ପରେବି ଗ୍ରାମାଂଚଳର ଗରୀବ ଲୋକେ ବାସଗୃହ ଭଳି ମୌଳିକ ସୁବିଧାରୁ ବଂଚିତ ହୋଇ ରହିବା ବେଶ ଦୁଃଖର ବିଷୟ । କୁଳିଆଣା ବ୍ଲକ ଅନ୍ତର୍ଗତ ପଳାଶବଣି ଗ୍ରାମର ପ୍ରତିମା ମଞ୍ଜରୀ ବେହେରା ଓ ତାଙ୍କ ସ୍ୱାମୀ ବିପଦ ସଂକୁଳ ଅବସ୍ଥାରେ ଥ